# ସ୍ୱାସ୍ଥ୍ୟକ୍ଷେତ୍ରରେ ଓଏମ୍‌ବିଏଡିସି ଖର୍ଚ୍ଚ ନୈରାଶ୍ୟଜନକ

## ଖଣି ପ୍ରଭାବିତ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଯାଜପୁର,୨୩।୮(ହର୍ଷବର୍ଦ୍ଧନ ବେହେରା)

ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି)ର ପାଣ୍ଠି ବିନିଯୋଗ ହେଉଛି। ଅନୁମୋଦିତ ପ୍ରସ୍ତାବରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ତଥା ମାନବ ସମ୍ବଳର ଉନ୍ନତି, ପୁଷ୍ଟିକର ଖାଦ୍ୟର ଉନ୍ନତି, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଇତ୍ୟାଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ହୋଇଛି। ଏଠାରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଓଏମ୍‌ବିଏଡିସି ପାଣ୍ଠିରୁ ୨୦୨୪ ଜୁଲାଇ ସୁଦ୍ଧା ୩୦ କୋଟି ୮୩ ଲକ୍ଷ ୪୨ ହଜାର ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ବିଡ଼ମ୍ବନା ଯେ, ସେଥିରୁ ମାତ୍ର ୩ କୋଟି ୭୧ ଲକ୍ଷ ୮ ହଜାର ଟଙ୍କା(୧୨%) ଖର୍ଚ୍ଚ ହୋଇପାରିଛି। ଖଣି ପ୍ରଭାବିତ ସୁକିନ୍ଦା ଆଦିବାସୀ ଅଞ୍ଚଳରେ ଏହି ପାଣ୍ଠିର ବିନିଯୋଗ ନୈରାଶ୍ୟଜନକ ରହିଛି। ଫଳରେ ଏବେ ବି ନଗଡ଼ା ପାର୍ଶ୍ୱ ତୁମୁଣି, ତଳଡ଼ିହ, ଗୁହିଆଶାଳ



ତୁମୁଣି ଗ୍ରାମର ଅବହେଳିତ ଆଦିବାସୀ।

ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଏବେ ବି ସେଠାରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚି ନ ପାରି ଅପପୁଷ୍ଟି ସହ ମାତୃ ଓ ଶିଶୁ ମୃତ୍ୟୁ ଘଟୁଛି।

ସୁପ୍ରିମକୋର୍ଟ ୨୦୧୭ରେ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଛି। ଏହିକ୍ରମରେ ଯାଜପୁର ଜିଲା ସମେତ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ପାଇଁ ସମୁଦାୟ ୧୩୩ କୋଟି ୨୮ ଲକ୍ଷ ୨୧ ହଜାର ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୫୨ କୋଟି ୮୩ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି।

ସେଥିମଧ୍ୟରୁ ଯାଜପୁର ଜିଲାରେ ସର୍ବନିମ୍ନ ୩ କୋଟି ୭୧ ଲକ୍ଷ ଟଙ୍କା ମାତ୍ର ଖର୍ଚ୍ଚ ହୋଇପାରିଛି। ଅନ୍ୟପକ୍ଷେ ଆର୍ ଆଣ୍ଡ ବି ଡିଭିଜନଗୁଡ଼ିକୁ ୧୬୦ କୋଟି ୫ ଲକ୍ଷ ୪୨ ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ୧୨୮ କୋଟି ୮୩ ଲକ୍ଷ ୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ଡିଭିଜନକୁ ୮୩ କୋଟି ମଞ୍ଜୁର ହୋଇଥିବାବେଳେ ସେଥିରୁ ୮୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ କରିବାରେ ଅନ୍ୟ ଜିଲାଗୁଡ଼ିକର ଫଳାଫଳ ଠିକ୍ ଥିବାବେଳେ ଯାଜପୁର ଜିଲା ବହୁପଛରେ ପଡ଼ିଛି। ଅନ୍ୟପକ୍ଷରେ କେଉଁ କେଉଁ ପ୍ରକଳ୍ପ ଏହି ପାଣ୍ଠିରୁ ବିନିଯୋଗ ହୋଇ କାର୍ଯ୍ୟଚାଲିଛି ତାହାର ଠିକ ସୂଚନା ମିଳି ପାରୁନାହିଁ, ଯାହାକି ପ୍ରକଳ୍ପଗୁଡିକର ସ୍ୱଚ୍ଛତା ନେଇ ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନୱାଡି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ କ୍ଷେତ୍ରରେ ବିନିଯୋଗ କରିବାର ନିୟମ ରହିଛି। କିନ୍ତୁ ଯାଜପୁର ମେଡିକାଲ କଲେଜର କେତେକ ବିଭାଗର ନିର୍ମାଣ କାର୍ଯ୍ୟ ଏହି ପାଣ୍ଠିରୁ ହେଉଥିବା ସୂଚନା ମିଳିଛି। ଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି। ଏହିମର୍ମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ମମତା ବାରିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତୀକରଣ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଓଏମ୍‌ବିଏଡିସିର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ୨୧।୮।୨୦୨୪ରେ ପତ୍ର ଲେଖିଛନ୍ତି।

# ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ହେଲେ ନମ୍ରତା

## ଟ୍ରେନିଂରେ ଗଲେ ତରୁଣ ମହାପାତ୍ର



ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ହେଲେ ନମ୍ରତା ମୋଦି ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଯାଜପୁରରୋଡ୍,୨୩।୮(ପବିତ୍ର ରଞ୍ଜନ ମହାନ୍ତି)

ସବୁବେଳେ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ରହି ଆସୁଥିବା ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ଟ୍ରେନିଂ ଆଳ ଦେଖାଇ ଏଠାରୁ ରିଲିଭ କରାଯାଇଛି। ତାଙ୍କ ସ୍ଥାନରେ କଳିଙ୍ଗନଗର ଭୂଅର୍ଜନ ଅଧିକାରୀ ନମ୍ରତା ମୋଦିଙ୍କୁ ପୌର ପରିଷଦର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ବିଜ୍ଞପ୍ତି ନଂ. ୨୭୩୭୭/୧୪/୮/୨୦୨୪ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ତାଲିମ ପାଇଁ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଏକାଡେମୀକୁ ପଠାଯାଇଛି। ସେହିପରି ଯାଜପୁର ଜିଲା ସହରାଞ୍ଚଳ ଉନ୍ନୟନର ସଂସ୍ଥାର ନିର୍ଦ୍ଦେଶକଙ୍କ ଚିଠି ନଂ.୧୮୧/୨୨/୮/ ୨୦୨୪ରେ ମହାପାତ୍ରଙ୍କ ସ୍ଥାନରେ କଳିଙ୍ଗନଗର ଭୂଅର୍ଜନ ଅଧିକାରୀ ନମ୍ରତାଙ୍କୁ ଅବସ୍ଥାପିତ କରାଯାଇଛି। ଶୁକ୍ରବାର ନିର୍ବାହୀ ଅଧିକାରୀ ମହାପାତ୍ର ଭୂ ଅର୍ଜନ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପୌର ପରିଷଦ ପକ୍ଷରୁ ମୋଦିଙ୍କୁ ସ୍ୱାଗତ କରାଯାଇଛି। ତାଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଜିଲା ସହରାଞ୍ଚଳ ଉନ୍ନୟନର ସଂସ୍ଥାର ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାମବାଗ ବିଦ୍ୟା ବାଟିକାରେ ଚକ୍ଷୁ ଚିକିତ୍ସା ଶିବିର

ଯାଜପୁର ଟାଉନ,୨୩।୮
(ପ୍ରଯଲ୍ଲା ପ୍ରିୟଦର୍ଶନୀ ମହାନ୍ତି)

ରାମବାଗସ୍ଥିତ ଶ୍ରୀବିଦ୍ୟା ବାଟିକା ଇଂଲିଶ ମିଡିୟମ୍ ସ୍କୁଲ ଓ ପ୍ରଜ୍ଞା ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସକ୍ଷମ ଓଡ଼ିଶାର ମାର୍ଗଦର୍ଶକ ସରୋଜ କୁମାର ସାହୁ, ଅନ୍ୟତମ ଅତିଥିଭାବେ ସକ୍ଷମ ପୂର୍ବ ଓଡ଼ିଶାର ରାଜ୍ୟ ସଭାପତି ଇଂ. ସତ୍ୟବ୍ରତ ସାହୁ, ରାଜ୍ୟ ଉପସଭାପତି ବୀରକିଶୋର ସାହୁ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଶତାଧିକ ରୋଗୀ ଚକ୍ଷୁ ପରୀକ୍ଷା କରିବା ସହ ଚଷମା ଓ ଔଷଧ ବିତରଣ କରାଯାଇଥିଲା। ଏଥିରେ ୮ଜଣ ମୋତିଆବିନ୍ଦୁ ଚିହ୍ନଟ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଜାରକା ଭୂମିକା ହସ୍‌ପିଟାକୁ ସ୍ଥାନାନ୍ତରିତ କରାଯାଇଥିଲା। ଡା. ହରପ୍ରସାଦ ନନ୍ଦ, ଅନୁଷ୍ଠାନର ପ୍ରିନ୍ସପାଲ ସ୍ମିତାଶ୍ରୀ ମାହୁନ୍ତ ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକ ଯୋଗଦେଇ ସହଯୋଗ କରିଥିଲେ।

# ପିଟୁ ପ୍ଲାଣ୍ଟରେ ରାଜସ୍ୱ ବିଭାଗର ମାପଚୁପ



ପିଟୁ ପ୍ଲାଣ୍ଟରେ ମାପଚୁପ କରାଯାଉଛି।

## ଜମି ଜବରଦଖଲ ଅଭିଯୋଗ

ଧର୍ମଶାଳା,୨୩।୮(ବଟକୃଷ୍ଣ ପରିଡା)

ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟିସ୍ଥିତ ଏକ ପିଟୁ ପ୍ଲାଣ୍ଟ ଏରିଆରେ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହେବାପରେ ଶୁକ୍ରବାର ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ କରାଯାଇଛି। ତହସିଲ ସୁପର ଭାଇଜର ସୁବ୍ରତ କୁମାର ସାମଲ, ନାକପୋଲ ଆରଆଇ ସୁନିଲ ନାୟକ, ଏଆରଆଇ ଜଗବନ୍ଧୁ ଜେନା, ଅମିନ ହତେଶ କୁମାର ସାମଲ ଓ ନିହାରକାନ୍ତ ବିଶ୍ୱାଳ ପହଞ୍ଚି ମାପଚୁପ କରିଛନ୍ତି।

ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଅତି ନିକଟତର ଭାବେ ପରିଚିତ ଅକ୍ଷୟ ନାୟକଙ୍କ ବଜବାଟିରେ ଏକ ପିଟୁ ପ୍ଲାଣ୍ଟ ରହିଛି। ତେବେ ଏଠାରେ ସରକାରୀ ଜମି ଜବରଦଖଲ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଗତ ୧୪ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜମି ମାପଚୁପ କରି ଜବରଦଖଲ ମୁକ୍ତ କରିବାକୁ ଜିଲାପାଳ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଠାରେ ବେଆଇନ ଭାବେ ଜମି ଜବରଦଖଲ ହୋଇଥିଲେ ପିଟୁ ପ୍ଲାଣ୍ଟ ମାଲିକଙ୍କୁ ନୋଟିସ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଶୁଭେନ୍ଦୁ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ସରୋଜିନୀ ସ୍ମୃତି ସଂସଦର ପ୍ରସ୍ତୁତି ବୈଠକ

କାଏମା,୨୩।୮(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସରୋଜିନୀ ଦାସଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ। ଏନେଇ ଶାନ୍ତିବଜାରସ୍ଥିତ ସଂସଦର ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖ ବୁଧବାର ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ ସରୋଜିନୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିବା ସଂସଦର ପ୍ରତିଷ୍ଠାତା ସଂପାଦକ ଡ. ଚିତ୍ତରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଏହାସହ ଚଳିତ ବର୍ଷ ସରୋଜିନୀ ସ୍ମୃତି ସମ୍ମାନରେ ନିବେଦିତା ପାଣି, ଡାକ୍ତର ମମତା ନାୟକ ଓ ମାଧୁରୀ ଶତପଥୀ ପ୍ରମୁଖଙ୍କୁ ଯଥାକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯିବ ବୋଲି ଡ. ମହାନ୍ତି କହିଛନ୍ତି। ସଭାରେ ଉଦ୍‌ଘାଟକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅନସୂୟା ନାଥ, ମୁଖ ଅତିଥି ଭାବେ ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରାଇ, ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଯାଜପୁର ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ପ୍ରମୁଖ ଯୋଗଦେବା ନେଇ ସୂଚନା ପ୍ରଦାନ କରାଯାଇଛି। ସଂଗଠନ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ସଂସଦର ଶୁଭେଚ୍ଛୁମାନଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିବେଦନ କରିଛନ୍ତି।

# ମହିଳାଙ୍କୁ ହତ୍ୟା ଅଭିଯୋଗ

ଚଣ୍ଡିଖୋଲ,୨୩।୮(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଉଡ଼ିଆ ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ମହିଳାଜଣକ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ବାପ ଘର ତରଫରୁ ତାଙ୍କୁ ହତ୍ୟା କରି ଟଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଗ୍ରାମର ମନ୍ମଥ ମଲ୍ଲିକଙ୍କ ସ୍ତ୍ରୀ ରଶ୍ମିତା ମଲ୍ଲିକ(୩୧)। ଶୁକ୍ରବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବରୀ–ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସ୍ୱାଇଁଖଣ୍ଡ ଗ୍ରାମର ଅକ୍ଷୟ ମଲ୍ଲିକଙ୍କ ଝିଅ ରଶ୍ମିତା ସାଉଡ଼ିଆ ଗ୍ରାମର ମନ୍ମଥଙ୍କୁ ବିବାହ କରିଥିଲେ। ଗତ କିଛି ଦିନ ଧରି ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା। ଏପରିକି ଭଦ୍ରଲୋକଙ୍କ ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା। ଗୁରୁବାର ରଶ୍ମିତା ବାପଘର ସହ ଅପରାହ୍ନ ୩ଟାରେ କଥା



ରଶ୍ମିତା ମଲ୍ଲିକ

ହୋଇଥିଲେ। ମାତ୍ର ସନ୍ଧ୍ୟାରେ ରଶ୍ମିତାଙ୍କ ମୃତ୍ୟୁ ହୋଇଥିବା ଶାଶୁଘର ଲୋକେ ତାଙ୍କ ଘରକୁ ଫୋନ ଯୋଗେ ଜଣାଇଥିଲେ। ଏହାପରେ ସେମାନେ ଆସି ଦେଖନ୍ତି ତ ଶାଶୁଘର ଅଗଣାରେ ରଶ୍ମିତାଙ୍କ ମୃତଦେହ ପଡ଼ିଛି। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ରଶ୍ମିତାଙ୍କ ବାପା ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ନଂ.୪୨୬।୨୪ରେ ଏକ ମାମଲା ରୁଜୁ କରିଛି।

# ଜାରକା ଓଭରବ୍ରିଜ୍‌ରୁ ପଡୁଛି ଅସନା ପାଣି

ଧର୍ମଶାଳା,୨୩।୮(ବଟକୃଷ୍ଣ ପରିଡ଼ା)

ବର୍ଷା ହେଲେ ଧର୍ମଶାଳା ବ୍ଲକ ଅଧୀନ ଜାରକା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥ ଓଭରବ୍ରିଜରୁ ଅସନା ପାଣି ପଡୁଛି। ଫଳରେ ଓଭରବ୍ରିଜ ତଳେ ଯଉଥିବା ବାଇକ୍ ଓ ସାଇକଲ ଆରୋହୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଟିକେ ଅସାବଧାନ ହେଲେ ରାଜପଥର ମଇଳା ପାଣିରେ ଲୋକେ ଭିଜି ଯାଉଛନ୍ତି। ବର୍ଷା ସମୟରେ ସର୍ଭିସ୍ ରୋଡ୍‌ରେ ଲୋକେ ଯାତାୟତ କରିବାକୁ ଭୟ କରୁଛନ୍ତି।

ସୂଚନା ଅନୁଯାୟୀ, ଡିବିଏଲ୍ ନାମକ ଏକ ଠିକାସଂସ୍ଥା ୧୬ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିଲା। ଠିକାସଂସ୍ଥା ଦ୍ୱାରା ଓଭରବ୍ରିଜ ନିର୍ମାଣ ହୋଇଥିଲା। ଗତବର୍ଷ ନଭେମ୍ବରଠାରୁ ଓଭରବ୍ରିଜ୍‌ରେ ଗାଡ଼ି ମୋଟର ଚଳାଚଳ କରୁଛି। ଓଭରବ୍ରିଜ୍‌ରୁ ବର୍ଷାପାଣି ନିଷ୍କାସନ ପାଇଁ ଠିକାସଂସ୍ଥା ପାଇପ୍ ସଂଯୋଗ କରିଥିଲା। ତେବେ କେତେକ ସ୍ଥାନରେ ଲଗାଯାଇଥିବା ପାଇପ୍ ନଷ୍ଟ ହୋଇଯିବା ଫଳରେ ଜାରକା ଓଭରବ୍ରିଜ୍‌ଠାରୁ କୁମାରୀ ଛକ ଓ ଅପରପାର୍ଶ୍ୱ ଗଳିପୋଲରୁ ଭେଙ୍କଟେଶ୍ୱର ସ୍କୁଲ ପର୍ଯ୍ୟନ୍ତ ପାଣି ପଡୁଛି। ସେହିପରି ଭାଲୁଖାଇ, ଶଙ୍ଖାରିଡ଼ିହ ଓ ନେଉଳପୁର ଛକରେ ହୋଇଥିବା ଗଳିପୋଲ ନିକଟରେ ପ୍ରାୟ ୨୦ଫୁଟ୍ ଉଚ୍ଚରୁ ବର୍ଷାପାଣି ସର୍ଭିସ୍ ରୋଡ୍‌ରେ ବିଛାଡ଼ି ହୋଇ ପଡୁଛି। ସେହିପରି ଓଭରବ୍ରିଜ୍ ଓ ଗଳିପୋଲର ମଧ୍ୟଭାଗରୁ ଶେଷ ପର୍ଯ୍ୟନ୍ତ ଗଡ଼ାଣି ରାସ୍ତାରୁ ପାଣି ସହିତ ଗୋଡ଼ି, ମାଟି ଓ ବାଲି ଧୋଇ ହୋଇ ସର୍ଭିସ୍ ରୋଡ୍‌ରେ ଜମିରହୁଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କଳିଙ୍ଗନଗର,୨୩।୮(ଶୁଭାଶିଷ ରାଉତ)

ଯାଜପୁର ଜିଲା ଟମକା ଥାନା ଅଞ୍ଚଳରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ରାଖୀ ପୂର୍ଣ୍ଣିମା ରାତିରେ ସମ୍ପୃକ୍ତ ଯୁବକ ଛାତ୍ରୀଙ୍କ ଘର ପଶି ତାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଚିତ୍କାର କରିବାରୁ ଅଭିଯୁକ୍ତ ଦୌଡ଼ି ପଳାଇ ଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା।

# ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

ସିଂହପୁର,୨୩।୮(ଅନଙ୍ଗ ଉଦୟ ବେଉରିଆ)

- ସପ୍ତାହରେ ଦିନେ ଆସୁଛନ୍ତି ଡାକ୍ତର
- ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟ

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବହୁ ଦାବି ପରେ ୨୦୨୧ରେ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଥିଲା। ବିଳମ୍ବରେ ହେଉ ପଛେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିବାରୁ ଲୋକେ ସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ତିନି ବର୍ଷ ହେଲା ଆଜି ପର୍ଯ୍ୟନ୍ତ ଲୋକେ ଠିକ ଭାବେ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହେଉଛି। ଏବେ ଜଣେ ଡାକ୍ତର ଥିଲେ ମଧ ସେ ସପ୍ତାହରେ ଦିନେ ଆସୁଛନ୍ତି। ଫଳରେ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ରୋଗୀ ଆସି ପ୍ରତିଦିନ ଫେରୁଥିବା ଦେଖିବାକୁ ମିଳୁଛି। ଫାର୍ମାସିଷ୍ଟ ନାହାନ୍ତି। ଫାର୍ମାସିଷ୍ଟ ପଦବୀ ପୂରଣ ପାଇଁ ଦାବି ହୋଇ ଆସୁଥିଲେ ମଧ ଅଦ୍ୟାବଧି ତାହା ହୋଇ ପାରିନାହିଁ। ଏବେ ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟ। କେତେଜଣ ରୋଗୀ ନର୍ସଙ୍କ ନିକଟରେ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାପାଳ ଏ ଦିଗରେ ଦୃଷ୍ଟିଦେବାକୁ ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି।




# ବିପଦସଙ୍କୁଳ ଅବସ୍ଥାରେ ମହାବିଦ୍ୟାଳୟ ଛାତ୍ରାବାସ



ଛାତ୍ରାବାସ ଛାତରୁ ସିମେଣ୍ଟ ଖଣ୍ଡ ଖସିପଡିଛି।



ଛାତ୍ରାବାସର ଏକ ଗୃହର ଝରକା, କବାଟ ଭାଙ୍ଗି ଯାଇଛି।

ଯାଜପୁରରୋଡ୍,୨୩।୮(ପବିତ୍ର ରଞ୍ଜନ ମହାନ୍ତି)

- ଛାତରୁ ଖସୁଛି ସିମେଣ୍ଟ୍ ଖଣ୍ଡ
- ଅନ୍ତେବାସୀ ସୁରକ୍ଷିତ ମଣୁନାହାନ୍ତି

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦ୍ରଧନୁ ଛାତ୍ରାବାସ ବିପଦସଂକୁଳ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଛାତ୍ରାବାସର କାନ୍ଥ ବହୁ ସ୍ଥାନରେ ଫାଟିବା ସହ ଛାତରୁ ସିମେଣ୍ଟ ଖଣ୍ଡ ଖସି ରଡ୍ ଦେଖାଯାଉଛି। ବର୍ଷା ସମୟରେ ପାଣି ଗଳୁଛି। ଫଳରେ ଛାତ୍ରାବାସରେ ରହୁଥିବା ଅନ୍ତେବାସୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ସମ୍ପର୍କରେ ଅନ୍ତେବାସୀମାନେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଛାତ୍ରାବାସଟି ୧୯୭୮ରେ ନିର୍ମିତ ହୋଇଥିଲା। ଦୀର୍ଘ ୪୫ ବର୍ଷର ଏହି ସର୍ବ ପୁରାତନ ଛାତ୍ରାବାସର ମରାମତି ଓ ରଙ୍ଗ ଠିକଭାବେ କରାଯାଉ ନ ଥିବାରୁ ଶ୍ରୀହୀନ ହୋଇପଡ଼ିଛି। ବର୍ତ୍ତମାନ ଛାତ୍ରାବାସରେ ସମୁଦାୟ ୨୧ କୋଠରୀରେ ୧୩୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ଝରକାକବାଟଗୁଡିକ ଭାଙ୍ଗିରୁଜି ଯାଇଥିବରୁ ବର୍ଷା ସମୟରେ ପାଣି ପଶି ବିଛଣା ଓ ଲୁଗାପଟା ଓଦା ହୋଇଯାଉଥିବା ଛାତ୍ରମାନେ କହିଛନ୍ତି।

ସେହିପରି ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ବହୁ ଦିନ ହେବ ଖାଲି ପଡ଼ିରହିଛି। ଅନ୍ୟ ଏକ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କୁ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ତାଙ୍କୁ କୌଣସି ଅର୍ଥନୈତିକ କ୍ଷମତା ଉଚ୍ଚ ଶିକ୍ଷା ବିଭାଗ ପ୍ରଦାନ କରିନାହିଁ। ମହାବିଦ୍ୟାଳୟର ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ କମିଟି ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଛାତ୍ରାବାସର ସୁପରିଟେଣ୍ଡେଣ୍ଟ ସନାତନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଉଚ୍ଚ ଶିକ୍ଷା ବିଭାଗର ଆର୍ଥିକ କଟକଣା ଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ମରାମତି ଏବଂ ନିର୍ମାଣ କାର୍ଯ୍ୟ କରି ନ ପାରି ହାତବାନ୍ଧି ବସିଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଏବଂ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ନିର୍ଦ୍ଦେଶ ଆସିଲେ ଏହାର ମରାମତି କରାଯିବ। ଅନ୍ୟପକ୍ଷରେ ଏହି କାର୍ଯ୍ୟ କେବେ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଭାବକମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେବାନିମନ୍ତେ ଛାତ୍ରାବାସରେ ଛାଡ଼ି ସେ ବାବଦ ଅର୍ଥ ପୈଠ କରୁଛନ୍ତି। ହେଲେ ଛାତ୍ରମାନଙ୍କ ସୁରକ୍ଷା ପ୍ରତି କଲେଜ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ୫ ଶହ ଲିଟର ଦେଶୀ ମଦ, ପୋଚ ନଷ୍ଟ, ୩ ଜଣଙ୍କୁ କୋର୍ଟ ଚାଲାଣ

**ଜିଲା ଅବକାରୀ ବିଭାଗର ଦେଶୀ ମଦ ଭାଟି ଉପରେ ଚଢ଼ାଉ**



ମହାକାଳପଡ଼ା/ ପାଟକୁରା, ୨୩।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ/ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ମହାକାଳପଡ଼ା ଓ ଗରଦପୁର ବ୍ଲକର ନୂଆପଡ଼ା ଅଞ୍ଚଳରେ ଚଢ଼ାଉ କରି ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଛି। ଜିଲା ଅବକାରୀ ବିଭାଗ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଏଥିରେ ସାମିଲ ହୋଇଥିଲା। ମହାକାଳପଡ଼ା ବ୍ଲକର ବଡଦର ଭଜନ ମୋହନ ନାଥଙ୍କ ଦେଶୀ ମଦ ଭାଟିରୁ ୮୦ ଲିଟର ଦେଶୀ ରନ୍ଧା ମଦ, ପାଟକୁରା ଥାନା ଅଧୀନ ନୂଆପଡ଼ା ବଜାରର ରାକେଶ ବେହେରାଙ୍କ ମଦ ଭାଟିରୁ ୧୭୦ ଲିଟର ଦେଶୀ ରନ୍ଧା ମଦ ୨୫୦ ଲିଟର ଗୁଡ଼ ପୋଚ ଓ ସେହିପରି ନୂଆପଡ଼ାର ଭାଗୀରଥି ବେହେରାଙ୍କ ଭାଟିରୁ ୧୦ ଲିଟର ରନ୍ଧା ମଦ ଜବତ କରାଯାଇଥିବା ଜିଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ସୂଚନା ଦେଇଛନ୍ତି। ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ମଧ୍ୟରେ ଅବକାରୀ ନିରୀକ୍ଷକ ହିମାଂଶୁ ମଲିକ, ସହକାରୀ ନିରୀକ୍ଷକ ଧର୍ମପଦ ଦାସ ଓ ବିଭାଗୀୟ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୩ ଦେଶୀ ମଦ ବ୍ୟବସାୟୀଙ୍କ ବିରୋଧରେ ୩ ଟି ମାମଲା ରୁଜୁ ସହ କୋର୍ଟ ଚାଲାଣ କରାଯାଇଛି ।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୮,୬୦୨ ଟଙ୍କା ସହାୟତା

**ଘର ପୋଡ଼ି, ଭଉଣୀଭାଇ ଜୀବନ୍ତଦଗ୍ଧ ଘଟଣା**

ରାଜନଗର, ୨୩।୮ (ଭାସ୍କର ରାଉତରାୟ)

ପବିତ୍ର ସ୍ୱାଧୀନତା ଦିବସରେ ରାଜନଗର ବ୍ଲକ ବଳରାମପୁର ଗାଁରେ ଅଗ୍ନିକାଣ୍ଡରେ ଘର ପୋଡିଯିବା ସହ ଭଉଣୀଭାଇ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗାଁର ସୁକାନ୍ତ ସାହାଣୀଙ୍କ ଝିଅ ଅନୁପମା ଓ ପୁଅ ସତ୍ୟରଞ୍ଜନ ବଳରାମପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ। ଏହି ଘଟଣା ପରେ ବ୍ଲକ ଶିକ୍ଷାଧିକାରୀ ଓ ଶିକ୍ଷକମାନେ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଶୁକ୍ରବାର ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିପନ୍ନ ପରିବାରକୁ ୮,୬୦୨ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଭକ୍ତିଲତା ବାରିକ, ଶିକ୍ଷକନେତା ବିଚିତ୍ରାନନ୍ଦ ନାୟକ, ଚନ୍ଦ୍ରକାନ୍ତ ରାଉତ, ଦାମୋଦର ରାଉତ, ପ୍ରଶାନ୍ତ କୁମାର ଜେନା, ପ୍ରଶାନ୍ତ କୁମାର ସେଠୀ, ଅନଙ୍ଗ କୁମାର ଜେନା, ସଞ୍ଜୟ କୁମାର ସେଠୀ, ସମରେନ୍ଦ୍ର ସାହୁ, କଳ୍ପତରୁ ପରିଡା, ହେମନ୍ତ କୁମାର ବାରିକ, ତ୍ରୈଲୋଚନ ଦାସ, ହିମାଂଶୁ ଶେଖର ରାଉତରାୟ, ଅନିଲ କୁମାର ଦାସ, ଅରୁଣ କୁମାର ଜେନା, ଅଶୋକ କୁମାର ହାତି ପ୍ରମୁଖ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଛନ୍ତି।

# ଉପକୂଳରେ ବେଆଇନ ଦେଶୀ ରନ୍ଧାମଦ କାରବାର ବୃଦ୍ଧି

- ମହାକାଳପଡ଼ାରେ ମୂଲିଆ, କୃଷକ, ଆଦିବାସୀ ହେଉଛନ୍ତି ଶିକାର
- ମଦ ପିଇବାରେ ଯାଉଛି ଦୈନିକ ମଜୁରି ଟଙ୍କା
- ଅବକାରୀ ବିଭାଗ, ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି

ମହାକାଳପଡ଼ା, ୨୩।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବହୁ ପରିମାଣରେ ବେଆଇନ ଦେଶୀ ରନ୍ଧାମଦ, ଚୋରା ବିଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ ମଦ କାରବାରରେ ଯୁବ ପିଢ଼ିମାନେ ନିୟୋଜିତ ହେଉଛନ୍ତି। ହେଲେ ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଲୋକେ ଦୈନିକ ମଜୁରି ଲାଗି ମିଳୁଥିବା ଟଙ୍କାରେ ସନ୍ଧ୍ୟାରେ ଦେଶୀ, ବିଦେଶୀ ମଦ ଭାଟିରେ ପିଇବାରେ ଶେଷ ହେଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଅବକାରୀ ବିଭାଗ କର୍ମଚାରୀମାନେ ମାସିକିଆ ବଟି ନେଇ ଆଖି ବୁଜି ଦେଇଥିବା ଜଣେ ଦେଶୀ ମଦ ବ୍ୟବସାୟୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅପର ପକ୍ଷରେ ଗଞ୍ଜାମ ଜିଲାର ଚିକିଟିରେ ବେଆଇନ ଦେଶୀ ମଦ ପିଇବା ଯୋଗୁ ୨ଜଣଙ୍କ ମୃତ୍ୟୁ ହେବା ପରେ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ଜିଲାର ବିଭିନ୍ନ ଅଞ୍ଚଳରେ ଦେଶୀ, ବିଦେଶୀ ମଦ ଚୋରା କାରବାର ବୃଦ୍ଧି ପାଇବା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ସହ ରାସ୍ତା ଦୁର୍ଘଟଣା ହେଉ କି ପରିବାରରେ ଝଗଡ଼ା ଝାଟି ହେଉଥିବା ନଜରକୁ ଆସିଛି।



ମହାକାଳପଡ଼ାରେ ଦେଶୀ ମଦ ପ୍ରସ୍ତୁତ ପାଇଁ କଞ୍ଚା ମାଲ।

ଏହି ଦେଶୀ ବିଦେଶୀ ମଦ ପିଇବା ଯୋଗୁ ଯୁବ ଗୋଷ୍ଠୀ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଜୀବନ ଯାଉଛି ବୋଲି କୁହାଯାଉଛି।

ମହାକାଳପଡ଼ା ବ୍ଲକର ନାଞ୍ଜୁରା, ଜମ୍ବୁ, ସୁନିତି, ବାବର ବଜାର, ବଉଳକଣି, ରାମନଗର, ଖରିନାସି, ପେଟଛେଲା, ବରକନ୍ଧା, ତେରଗାଁ, ଯଦୁପୁର, ନୀଳାଚଳ ବଜାର, ତିଖିରୀ, ବଡକୁଳ, କରଞ୍ଜା, ଅଳାଇଲୋ, ଓରତ ଘାଟ, ଓସ୍ତର ହାଟ, ବିଜୟନଗର ଆଦି ଅଞ୍ଚଳରେ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ କାରବାର ହେଉଥିବା କୁହାଯାଉଛି। ବିଶେଷ କରି ଦେଶୀ, ବିଦେଶୀ ମଦ ଚୋରା କାରବାର କେତେକ ପାନ ଦୋକାନ, ଜଳଖିଆ ଦୋକାନ, ବନ୍ଧ ପାର୍ଶ୍ୱରେ ନୁଆଁଣିଆ ଚାଳଘର ପଛ ପଟେ ସନ୍ଧ୍ୟା ହେଲେ ଆସର ଜମୁଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଦେଶୀ ମଦ ପ୍ରସ୍ତୁତ କରିବାକୁ ଜଙ୍ଗଲୀ ଚେର ମୂଳିରୁ ପ୍ରସ୍ତୁତ ବାଖରାରେ ହାଣ୍ଡିଆ ରନ୍ଧା ହେବା, ଦେଶୀ ପୋଚ ମଦ(ଗୁଡ଼ରେ ପ୍ରସ୍ତୁତ)କୁ ଗ୍ରାମାଞ୍ଚଳରେ ଗରିବ ଶ୍ରେଣୀର ଲୋକମାନେ କମ୍ ମୂଲ୍ୟ ପ୍ୟାକେଟ ପିଛା ୨୦ରୁ୩୦ ଟଙ୍କା ସୁବିଧାରେ ମିଳୁଛି ବୋଲି କହୁଛନ୍ତି। ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହେବା ପରେ ଜରି ପ୍ୟାକେଟକୁ ବଡ଼ କାର୍ଟୁନ, ପ୍ଲାଷ୍ଟିକ ଜାରକିନରେ ରାତି ଅଧରେ ଜଗତ୍‌ସିଂହପୁର, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର ଜିଲାକୁ ପିକ୍‌ଅପ୍ ଭ୍ୟାନରେ ଚାଲାଣ ହେଉଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦେଶୀ ବିଦେଶୀ ମଦ କାରବାର ହେଉଛି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ଳବ ମଣ୍ଡଳଙ୍କୁ ପଚାରିବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ରନ୍ଧା ଦେଶୀ ମଦ ପ୍ରସ୍ତୁତ ଉପରେ କଟକଣା ଜାରି କରାଯାଇଛି। ଯେଉଁ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହେଉଛି ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନେ ରନ୍ଧା ମଦ ପ୍ରସ୍ତୁତ କରୁଛନ୍ତି ଭାଟି ଉପରେ ଚଢ଼ାଉ କରାଯାଇ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଚୋରା କୋଇଲା ଚାଲାଣ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକ ରଖି ଲୋକେ ପୋଲିସ ଜିମା ଦେଲେ

ରାଜକନିକା, ୨୩।୮ (ସଞ୍ଜୟ କୁମାର ଦାଶ)




ବେଆଇନ ଚୋର କୋଇଲା ବୋଝେଇ ପିକଅପ୍ ଭ୍ୟାନକୁ ସ୍ଥାନୀୟ ଲୋକମାନେ ଅଟକାଇ ଶୁକ୍ରବାର ରାଜକନିକା ପୋଲିସର ଜିମା ଦେଇଛନ୍ତି। ଥାନା ଅଞ୍ଚଳ ନହୁଲିଆ ଛକ ନିକଟରୁ ପୋଲିସ ଚୋରା କୋଇଲା ପିକ୍‌ଅପ୍ ଭ୍ୟାନ ଜବତ କରି ଥାନାକୁ ନେଇଛି। ଚୋରା କୋଇଲା ଚାଲାଣ ବେଧଡ଼କ ଭାବେ ଚାଲୁଥିବା ବେଳେ, ପୋଲିସ ଚୁପ ବସିଥିବା ବେଳେ ସ୍ଥାନୀୟ ଲୋକ ଗାଡିକୁ ଅଟକାଉଛନ୍ତି।

ସୂଚନାଯୋଗ୍ୟ ପ୍ରତିଦିନ ଶହ ଶହ ପିକପ୍ ଭ୍ୟାନ ଓ ବଡ଼ ବଡ଼ ଟ୍ରକଦ୍ୱାରା ଦୀର୍ଘଦିନ ହେବ ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଚୋରା କୋଇଲା ଚାଲାଣ ରାଜକନିକା ଥାନା ଅଞ୍ଚଳ ଦେଇ ବିଭିନ୍ନ ଜିଲାକୁ ଚାଲାଣ ଚାଲିଛି। ଶୁକ୍ରବାର ଏକ ଚୋର କୋଇଲା ବୋଝେଇ ପିକଅପ୍ ଭ୍ୟାନ ଦ୍ରୁତଗତିରେ ଥାନା ଅଞ୍ଚଳର ନହୁଲିଆ ଛକ ପାର ହେଉଥିବାବେଳେ ସ୍ଥାନୀୟ ଲୋକମାନେ ଗାଡିକୁ ଅଟକାଇ ପୋଲିସ ଖବର ଦେଇଥିଲେ। ଏଏସ୍‌ଆଇ ଚିନ୍ମୟ ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ନଂ. ଓଡି ୨୨ ଡବ୍ଲୁ୭୪୩୦କୁ ଜବତ କରି ଥାନାକୁ ଆଣିଥିଲେ। ଭ୍ୟାନରେ ପାଖାପାଖି ୫୦ବସ୍ତା କୋଇଲା ଥିବା ଅନୁମାନ କରାଯାଉଛି। ହେଲେ ରାଜକନିକା ଅଞ୍ଚଳ ବାସୀଙ୍କ କହିବା କଥା, ଏହି ଚୋରା କୋଇଲା ଗାଡିଗୁଡିକ ଦିବାଲୋକରେ ବେଧଡକ ଭାବେ ରାଜକନିକା ଅଞ୍ଚଳ ଦେଇ ଯାଉଛି। ପୋଲସ କେବଳ ମାମଲା ରୁଜୁ କରି ଚୁପ୍ ବସୁଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଦିଲୀପ୍ କୁମାର ଧଳ ସୂଚନା ଦେଇଛନ୍ତି।

# ୫ ଦିନ ପରେ ନିଖୋଜ କଳ କର୍ମଚାରୀ ଜଗତପୁରରୁ ଉଦ୍ଧାର

ଡେରାବିଶ, ୨୩।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର କଳ କର୍ମଚାରୀ ରାଜକିଶୋର ଦାଶ (୫୯) ଗତ ୧୯ ତାରିଖରୁ ନିଖୋଜ ଥିବାବେଳେ ଶୁକ୍ରବାର ରାତିରେ ଉଦ୍ଧାର ହୋଇଛନ୍ତି। ରାଜକିଶୋର ବାକ୍ ଓ ଶ୍ରବଣ ଶକ୍ତି ହରାଇଥିବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତି। ସେ ଦୀର୍ଘବର୍ଷ ହେବ ଡେରାବିଶଠାରେ ଥିବା ଏକ ଚୁଡ଼ାକଳରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଗତ ୧୯ ତାରିଖ ଅପରାହ୍ନରେ କଳ ପାଇଁ କୋଇଲା ଆଣିବାକୁ ବାଲିଚନ୍ଦ୍ରପୁର ବଜାରକୁ ସାଇକେଲ୍ ଯୋଗେ ଯାଇଥିବାବେଳେ ଆଉ ଘରକୁ ଫେରି ନ ଥିଲେ। ଏ ସଂକ୍ରାନ୍ତରେ ଥାନାରେ ମଧ ଏକ ନିଖୋଜ ମାମଲା ହେବା ସହ ରାଜକିଶୋରଙ୍କୁ ପରିବାର ଓ ଥାନା ପକ୍ଷରୁ ତାଙ୍କର ବନ୍ଧୁ, ସମ୍ପର୍କୀୟଙ୍କ ସହ ବିଭିନ୍ନ ସ୍ଥାନରେ ଖୋଜା ଚାଲିଥିଲା। ତେବେ କୌଣସି ସନ୍ଧାନ ନ ମିଳିବାରୁ ରାଜକିଶୋରଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଏକ ହତ୍ୟା ଅଭିଯୋଗ



ଉଦ୍ଧାର ହୋଇଥିବା ଦିବ୍ୟାଙ୍ଗ ରାଜ କିଶୋର ଦାଶଙ୍କୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

ମଧ୍ୟ କରାଯାଇଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ଜଗତପୁର ଛକରେ ରାଜକିଶୋର ଏକା ବୁଲୁଥିବାବେଳେ ଡେରାବିଶ ଅଞ୍ଚଳର ଜଣେ ଗାଡ଼ି ଚାଳକ ତାଙ୍କୁ ଦେଖିଥିଲେ।

ଦୀର୍ଘ ୫ ଦିନ ହେବ ସେ ଖାଇ ନ ଥିବାବେଳେ କେବଳ ପାଣି ପିଇଛନ୍ତି ବୋଲି ଠାରରେ ଗାଡ଼ି ଚାଳକଙ୍କୁ କହିବା ପରେ ସେଠାରେ ଚାଳକ ତାଙ୍କୁ ଖୁଆଇ ଡେରାବିଶ ଥାନା ପୋଲିସକୁ ରାତି ୮ଟାରେ ହସ୍ତାନ୍ତର କରିଛନ୍ତି। ଏହି ମାମଲାର ତଦନ୍ତ କରୁଥିବା ଅଧିକାରୀ ପ୍ରଦୋଷ ପଟ୍ଟନାୟକ ରାଜକିଶୋରଙ୍କୁ ପଚରାଉଚୁରା କରିଛନ୍ତି। ଶନିବାର ତାଙ୍କର ବୟାନ ରେକର୍ଡ଼ କରାଯିବ ବୋଲି ପୋଲିସ ଅଧିକାରୀ ପଟ୍ଟନାୟକ କହିଛନ୍ତି। ରାଜକିଶୋରଙ୍କ ଫେରିବାକୁ ନେଇ ଡେରାବିଶ ବଜାର ସମେତ ଦୁମୁକା ଗାଁରେ ଆନନ୍ଦର ଲହରୀ ଖେଳିଯାଇଛି। ସେ ଡେରାବିଶରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ।

## ରାଜକନିକାରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ରାଜକନିକା, ୨୩।୮ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଶୁକ୍ରବାର ପ୍ରଥମକରି ରାଜକନିକା ବ୍ଲକ ଗସ୍ତ କରି ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଯଥା ମିଶନ ଶକ୍ତି, ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଭଳି କାର୍ଯ୍ୟର ସମୀକ୍ଷା କରିଥିଲେ। ଆଜିର ଏଥିରେ ବିଡିଓ ପୃଥ୍ୱୀରାଜ ପରିଡା, ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ସମେତ ସମସ୍ତ ବିଭାଗର ଅଧିକରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି

ରାଜନଗର, ୨୩।୮ (ଭାସ୍କର ରାଉତରାୟ)

ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଚାନ୍ଦିବାଉଁଶମୂଳ ପଞ୍ଚାୟତର ହାତିଆଗଡ଼ି ଛକଠାରୁ ଭିତରଗଡ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଯାଏ ଜବରଦଖଲ ଯୋଗୁ ଗୁରୁତର ଟ୍ରାଫିକ୍ ସମସ୍ୟା ଉପୁଜିଛି। ଏଥିଯୋଗୁ ଅଧିକାଂଶ ସମୟରେ ଜରିମୂଳ ଓ ଚାନ୍ଦିବାଉଁଶମୂଳ ବଜାରରେ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଛି। ତେଣୁ ରାସ୍ତା କଡରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ଗାଁ ଲୋକ ଦାବିପତ୍ର ଦେଇଛନ୍ତି। ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତା ଉପରେ ୧୩ଟି ପଞ୍ଚାୟତର ଅଧିବାସୀଙ୍କ ସହିତ ଲକ୍ଷାଧିକ ଲୋକ ନିର୍ଭରଶୀଳ। ଭିତରକନିକା ଜାତୀୟ ଉଦ୍ୟାନକୁ ଏହା ଏକମାତ୍ର ରାସ୍ତା। ଅଶୋକ କୁମାର ସେଠୀ, ହଳଧର ସେଠୀ, ଦେବଦତ୍ତ ସେଠୀ ପ୍ରମୁଖ ରାଜନଗର ତହସିଲଦାରଙ୍କୁ ଭେଟି ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାର ହାତିଆଗଡିଠାରୁ ଭିତରଗଡ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଯାଏ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି।

# ଅବକ୍ଷୟମୁଖୀ ସମାଜକୁ ସୁଧାରିବାରେ ଶିକ୍ଷାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରଘୁନାଥପୁର, ୨୩।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନର ଉତ୍କଳ ରାମକୃଷ୍ଣ ସେବା ସଂଘ ପକ୍ଷରୁ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଇଂ.ବାବାଜୀ ଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଉତ୍କଳ ରାମକୃଷ୍ଣ ସେବାସଂଘର କର୍ମକର୍ତ୍ତା ଅଧ୍ୟାପକ ରୋହିତ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାମକୃଷ୍ଣ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅବକ୍ଷୟମୁଖୀ ସମାଜକୁ ସୁଧାରିବାରେ ଶିକ୍ଷାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାମୀ ସୁଦର୍ଶନା ନନ୍ଦ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ,ଏକାଗ୍ରତା ଓ ବ୍ରହ୍ମଚର୍ଯ୍ୟ ପାଳନ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳରଞ୍ଜନ ମହାନ୍ତି, ବ୍ରଜକିଶୋର ସ୍ୱାଇଁ, ସଂଯୋଜକ ରବିନାରାୟଣ ମହାନ୍ତି, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ବିଶ୍ୱ ଓଡିଆ ମହାସଂଘର ସଭାପତି ଡ.ସୁରେନ୍ଦ୍ରନାଥ ମହାପାତ୍ର, ପାର୍ଥଶାଖା ପାଲଟାସିଂହ, ପୂର୍ଣ୍ଣଚନ୍ଦ୍ର ଜେନା ଓ ଶିକ୍ଷାବିତ୍ ଯଦୁନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସୁବାଷ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁଧୀର କୁମାର ସାହାଣୀ, ଧରଣୀଧର ଜେନା, ସୁରେନ୍ଦ୍ରନାଥ ଦ୍ୱିବେଦୀ, ସୁଧୀର କୁମାର ନାୟକ,ବିଷ୍ଣୁଚନ୍ଦ୍ର କର ଓ ସାରଦା ପ୍ରସାଦ ନାୟକ ଏଥିରେ ସହାୟତା କରିଥିଲେ।

# ମାର୍ଶାଘାଇ କଲେଜରେ ଜାତୀୟ ମହାକାଶ ଦିବସ

ମାର୍ଶାଘାଇ, ୨୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଭାରତର ମହାକାଶ ଯାତ୍ରାର ଗବେଷଣାକୁ ସୁଦୂରପ୍ରସାରୀ କରିବା ସହ ବୈଜ୍ଞାନିକମାନଙ୍କର ଗବେଷଣାକୁ ଶ୍ରେୟ ଦେବା ଉଦ୍ଦେଶ୍ୟରେ ପାଳିତ ଜାତୀୟ ମହାକାଶ ଦିବସ ଅବସରରେ ଶୁକ୍ରବାର ମାର୍ଶାଘାଇ କଲେଜ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ପ୍ରଣୟ କୁମାର ପରିଡାଙ୍କ ସଭାପତିତ୍ୱରେ ଚନ୍ଦ୍ରର ସ୍ପର୍ଶରେ ଜୀବନର ଅନୁଭବ, ଭାରତ ମହାକାଶ ଜୟ ଗାଥା ଶୀର୍ଷକରେ ଆୟୋଜିତ ସମ୍ମାନରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନୋଟୋରିୟମର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରହ୍ଲାଦ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଉପନିର୍ଦ୍ଦେଶକ ମୁଖ୍ୟ ସ୍ଥପତି ଇଂ. ଶୁଭେନ୍ଦୁ ପଟ୍ଟନାୟକ ଯୋଗଦେଇ ବିଶ୍ୱର ଚତୁର୍ଥ ଦେଶ ଭାବେ ଚନ୍ଦ୍ର ପୃଷ୍ଠରେ ଇସ୍ରୋ ଦ୍ୱାରା ପ୍ରେରିତ ଚନ୍ଦ୍ରୟନ ୩ର ଅବତରଣ, ଚନ୍ଦ୍ରର ଉତ୍ପତ୍ତି, ଗଠନ ଇତିହାସ, ଚନ୍ଦ୍ରପୃଷ୍ଠରେ ଜଳର ସ୍ଥିତି ଓ ଉଦଗୀରଣ, ତାପିୟ ସଞ୍ଚାଳନ, ବିଘଟନ ଏବଂ ଉତ୍ତାପୀୟ ଗୁଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ଭାରତର ମହାକାଶ ଯାତ୍ରା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମ୍ମାନରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ବିଭାଗୀୟ, ଅଧ୍ୟାପିକାଅଧ୍ୟାପକମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପଦାର୍ଥ ବିଜ୍ଞାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ନିଗ୍ଧାସୁଧା ଚନ୍ଦନା ମହାପାତ୍ର, ଅମୀୟ ରଞ୍ଜନ ଜେନା, ପ୍ରାଧ୍ୟାପକ ଦୀପକ ଦାସ, ଅଧ୍ୟାପକ ଦୀପକ ମହାନ୍ତି, ମନୋଜ ରାଉତ, ଚିତ୍ତରଞ୍ଜନ ବିଶ୍ୱାଳ, ଆଶିଷ ସାହୁ, ମେନେକା ପାଲଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ଅଲିଭା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

କେନ୍ଦ୍ରାପଡ଼ା, ୨୩।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗସ୍ଥିତ ହରିଭାଇ ମାର୍କେଟ କମ୍ପ୍ଲେକ୍ସଠାରେ ରାଷ୍ଟ୍ରବାଦୀ ସଙ୍ଗଠନ ଜୟରାଷ୍ଟ୍ର ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୬ତମ ବଳିଦାନ ଦିବସ ଶୁକ୍ରବାର ପାଳନ କରାଯାଇଛି। ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁଶାନ୍ତ ନାୟକ, ହରେକୃଷ୍ଣ ବେହେରା, ରଶ୍ମିରଞ୍ଜନ ସ୍ୱାଇଁ ଦେବବ୍ରତ ପାତ୍ର, ଲିଙ୍ଗରାଜ କର ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ୧୯୨୬ରେ ଜନ୍ମିତ ଏହି ସନ୍ଥ ହିନ୍ଦୁ ହୃଦୟ ସମ୍ରାଟ ଭାବେ ସର୍ବଦା ରହି ଆସିଛନ୍ତି। ଗୋ ସୁରକ୍ଷାକୁ ଗୁରୁତ୍ୱ ଦେଇଥିବା ବେଳେ ହିନ୍ଦୁଙ୍କୁ ଅନ୍ୟ ଧର୍ମାନ୍ତୀକରଣକୁ ଘୋର ବିରୋଧ କରୁଥିଲେ। ସ୍ୱାମୀଜୀଙ୍କର ଏହି କାର୍ଯ୍ୟ ବିରୋଧୀଙ୍କୁ ସୁହାଇ ନ ଥିଲା। ଫଳରେ ମରଣାତ୍ମକ ଆକ୍ରମଣର ଶିକାର ହେଉଥିଲେ। ବିଭିନ୍ନ ସମୟରେ ତାଙ୍କର ଜୀବନ ପ୍ରତି ବିପଦ ଥିବା ସମ୍ପର୍କରେ ଥାନାରେ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ୨୦୦୮ ଜନ୍ମାଷ୍ଟମୀରେ ଫୁଲବାଣୀର ତୁମୁଡିବନ୍ଧ କନ୍ୟା ଆଶ୍ରମରେ ସ୍ୱାମୀଜୀଙ୍କ ସହ ୪ ଜଣଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ। ୨୦୨୦ ଏପ୍ରିଲ ୧୬ରେ ମହାରାଷ୍ଟ୍ରର ପାଲଘରଠାରେ ୨ ସାଧୁଙ୍କ ସହ ସେମାନଙ୍କ ଡ୍ରାଇଭରକୁ ମାରିଦେବା ଘଟଣା ପରି ସ୍ୱାମୀଜୀଙ୍କ ହତ୍ୟାକୁ ସାମ୍ପ୍ରତିକ ସମୟରେ ମନେ ପକାଇବା ଜରୁରୀ ହୋଇପଡିଛି। ରାଷ୍ଟ୍ର ଓ ହିନ୍ଦୁ ହିତ ପାଇଁ ସ୍ୱାମୀଜୀ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ସେମାନେ ମତ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ସାହୁ, ରାଜେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମଣ୍ଡଳ, ସୁଶାନ୍ତ ବେହେରା, ସନ୍ତୋଷ ପୋଥାଳ ପ୍ରମୁଖ ମତ ରଖିଥିଲେ। ଏହି ଆଲୋଚନାଚକ୍ରକୁ ରାଜ୍ୟ ସହସଂଯୋଜକ ମଳୟ ସାହୁ ପରିଚାଳନା କରିଥିଲେ।

# ନିର୍ମାଣାଧୀନ ପାଚେରି ଖୁଣ୍ଟ ଭାଙ୍ଗିଲେ ଯୁବକ

- ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ ନିମ୍ନମାନର ଅଭିଯୋଗ
- ଠିକାଦାରଙ୍କ ଥାନାରେ ଲିଖିତ ଅଭିଯୋଗ

ମହାକାଳପଡ଼ା, ୨୩।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ ୬କୋଟି ଟଙ୍କା ବ୍ୟୟ ଅଟକଳରେ ଯାଜପୁର ଅଞ୍ଚଳର ଠିକାଦାର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ କୌଣସି କର୍ମଚାରୀ ନ ଥିବାରୁ ଠିକାଦାର ନିମ୍ନମାନର ଗୋଡ଼ି, ସିମେଣ୍ଟ, ଧସା ସରୁ ବାଲି, ରଡ୍ ବ୍ୟବହାର କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି କାମ ଚାଲିଥିବା ବେଳେ



ପାଚେରି ନିର୍ମାଣକୁ ବିରୋଧ କରି ପିଲରକୁ ଯୁବକ ଭଙ୍ଗାରୁଜା କରୁଛନ୍ତି।

ଶୁକ୍ରବାର ଅପରାହ୍ନରେ ଜଣେ ଯୁବକ ଭଙ୍ଗା ରୁଜୁ କରିଛନ୍ତି। ମନ୍ଦିର ବାଉଣ୍ଡରି କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ସମେଣ୍ଟ ଢ଼ଳେଇ ପଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ଓ ସାଥୀ ନିର୍ମାଣ କାର୍ଯ୍ୟରେ ବାଧା ଦେବା ସହ ପାଚେରୀର ୬ଟି ପିଲର ଭଙ୍ଗାରୁଜା ଆରମ୍ଭ କରିଥିଲେ। ଏହି କଥାକୁ ନେଇ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ ବୋଲି ଦାୟିତ୍ୱରେ ଥିବା ସୁପରଭାଇଜର ଠିକାଦାର ବିଶ୍ୱଜିତ ରାଉତଙ୍କୁ ଅବଗତ କରିଥିଲେ। ଏ ନେଇ ଠିକାଦାର ରାଉତ ଜମ୍ବୁ ସାମୁଦ୍ରିକ ଥାନାରେ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଠିକାଦାର ବିଶ୍ୱଜିତ ରାଉତଙ୍କୁ ପଚାରିବାରେ ଯୁବକ ଜଣକ ନିର୍ମାଣ ହୋଇଥିବା ପିଲାରଗୁଡ଼ିକକୁ ଭାଙ୍ଗିବା ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରେ ଲିଖିତ ଅଭିଯୋଗ ମିଳିଛି। ତଦନ୍ତ ହେବ ବୋଲି କହିଛନ୍ତି।

# ପୁଣି ସମ୍ପାଦକଙ୍କ ନାମରେ ୩ ଚାଷୀଙ୍କ ଏତଲା

ରାଜକନିକା, ୨୩।୮ (ସଞ୍ଜୟ କୁମାର ଦାଶ)

**ବରୁଣା ପ୍ରାଥମିକ କୃଷି ସମବାୟ ସମିତିର ଟଙ୍କା ହଡ଼ପ ଘଟଣା**

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ଅସିତ କୁମାର ବେହୁରିଆ ଟଙ୍କା ହଡପ୍ କରିଥିବା ନେଇ ଶୁକ୍ରବାର ରାଜକନିକା ଥାନାରେ ପୁଣି ୩ ଜଣ ଚାଷୀ ଲିଖିତ ଅଭିଯୋଗ କରିଛନ୍ତି। ବଳରାମପୁର ପଞ୍ଚାୟତ ସାତଘରିଆ ଗାଁର ଚାଷୀ ଅରବିନ୍ଦ କୁମାର ମଥାନ ଥାନାରେ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ ତାଙ୍କ ନାମରେ ଋଣ କରି ସବୁତକ ଟଙ୍କା ହଡ଼ପ କରିବା ଏବଂ ସରକାରଙ୍କ ପକ୍ଷରୁ ଆସୁଥିବା କ୍ଷୟକ୍ଷତି ରାଶି ସମସ୍ତ ଟଙ୍କା ଆମକୁ ନ ଦେଇ ହଡ଼ପ କରାଯାଇଛି। ବାରମ୍ବାର ଟଙ୍କା ମାଗିବାରୁ ଧମକଚମକ ଦେବାସହ ଭାଷା ଭାଷା ଲଗାଇ ଗାଳିଗୁଲଜ କରୁଥିବା ମଧ ଅଭିଯୋଗ କରିଛନ୍ତି। ସେହିପରି ପାତୁଲୀ ଗାଁର ଚାଷୀ ସନ୍ତୋଷ କୁମାର ପଣ୍ଡା ଓ ଅକ୍ଷୟ ରଣା ମଧ ଉପର



ଥାନାରେ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ଲିଖିତ ସମାନ ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ୩ଟି ଏତଲା ପୂର୍ବରୁ ସମ୍ପୃକ୍ତ ସମ୍ପାଦକ ବେହୁରିଆ ଏବଂ କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃର ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର ଚାଷୀଙ୍କ ଅଜଣାତରେ ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ନେଇ ପୂର୍ବରୁ ୧୦ ଜଣ ଚାଷୀ ଅଭିଯୋଗ କରି ସାରିଛନ୍ତି। ମୋଟ ୧୩ ଜଣ ଚାଷୀ ଏତଲା ଦେଇଥିବା ବେଳେ, ପୋଲିସ ମାତ୍ର ଗୋଟିଏ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ସମବାୟ ସମ୍ପାଦକ ଅସିତ କୁମାର ବେହୁରିଆଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରି ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି କହିଛନ୍ତି। ମୋ ବିରୋଧୀ ଗୋଷ୍ଠୀ ମୋତେ ହଇରାଣ ହରକତ କରିବା ପାଇଁ ସମସ୍ତ ଚାଷୀଙ୍କୁ ଭସକାଇ ଏତଲା କରାଉଥିବା କହିଛନ୍ତି। ଶୁକ୍ରବାର ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ରାଜକନିକା ଗସ୍ତ କରିଥିବା ବେଳେ ବରୁଣା ପାକ୍ସରେ ଚାଷୀଙ୍କ ଟଙ୍କା ହଡପ ସମ୍ପର୍କରେ ଚାଷୀମାନେ ଅଭିଯୋଗ କରିଥିଲେ। ଜିଲାପାଳ ପ୍ରଧାନ ଖୁବ୍‌ଶୀଘ୍ର ଏହି ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାଷୀମାନଙ୍କୁ ଆଶ୍ୱାସନ ଦେଇଛନ୍ତି।

# ମାଳବନ୍ଧରେ ଡ୍ରେନେଜ, ଚାରାରୋପଣର ବ୍ୟବସ୍ଥା

## ଜଳ ସମ୍ପଦ ବିଭାଗ ପକ୍ଷରୁ ମାଳବନ୍ଧ କାର୍ଯ୍ୟର ସର୍ବେକ୍ଷଣ



ମାଳବନ୍ଧର କାର୍ଯ୍ୟକୁ ନୟାଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ତୃପ୍ତିମୟୀ ନାୟକ ତଦାରଖ କରୁଛନ୍ତି।

ଖଣ୍ଡପଡ଼ା,୨୩।୮ (ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ପକ୍ଷରୁ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର ବିକାଶ ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ବରାଦ ହୋଇ କାର୍ଯ୍ୟ ଚାଲୁ ରହିଛି। ଏହି ଅବସରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୩ୟ ପର୍ଯ୍ୟାୟ ମାଳବନ୍ଧର କାର୍ଯ୍ୟ ଚାଲୁ ରହିଥିବାରୁ ଶୁକ୍ରବାର ନୟାଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ତୃପ୍ତିମୟୀ ନାୟକ କଣ୍ଟିଲୋ ଗସ୍ତରେ ଆସି ମାଳବନ୍ଧରେ ଚାଲୁ ରହିଥିବା କାର୍ଯ୍ୟକୁ ତଦାରଖ ସହ ନୂତନ ଡ୍ରେନେଜ ନିର୍ମାଣ ଉପରେ ଆଲୋଚନା କରି ଫେରିଛନ୍ତି। ତେବେ ବିକାଶ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ୧୮ ମାସ ମଧ୍ୟରେ ସମ୍ପନ୍ନ ହେବାର ଘୋଷଣା କରାଯାଇଥିବା ବେଳେ ଇତି ମଧ୍ୟରେ ୨୬ ମାସ ବିତିଗଲାଣି। ବିଭିନ୍ନ କାରଣ ଯୋଗୁ କାର୍ଯ୍ୟରେ ବିଳମ୍ବତା ପରିଲକ୍ଷିତ ହେଉଥିବା ପ୍ରଶାସନିକ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୩୦କୋଟି ଟଙ୍କା ବ୍ୟୟରେ ଶ୍ରୀନୀଳମାଧବ ମନ୍ଦିର ସହ ଜଡିତ ଚନ୍ଦନ ପୋଖରୀ, ଦୟଣାଚୋରୀ ବଗିଚା, ମନ୍ଦିର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାହାଚ କାର୍ଯ୍ୟ ସହ ମନ୍ଦିର ପରିସର କାର୍ଯ୍ୟ ପ୍ରାୟ ଶେଷ ହେବା ଉପରେ। ଅପରପକ୍ଷରେ ଶ୍ରୀନୀଳମାଧବ ମନ୍ଦିରକୁ ସଂଯୋଗ କରୁଥିବା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ନବୀକରଣ ପାଇଁ ସମ୍ପ୍ରତି ୨୬.୬୩ କୋଟି ଟଙ୍କାର ଅର୍ଥ ବ୍ୟୟ ବରାଦ ହୋଇଥିବା ଜଣାଯାଇଛି। ଏହି ମଞ୍ଜୁର ଅର୍ଥରେ ଜଳ ସମ୍ପଦ ବିଭାଗର ୩ କିଲୋମିଟର ଲମ୍ବ ବିଶିଷ୍ଟ ମହାନଦୀ କୂଳରେ ଥିବା ମାଳବନ୍ଧକୁ ସୁଦୃଢ କରାଯିବା ଲକ୍ଷ୍ୟରେ ବନ୍ୟା ସମୟରେ ପ୍ରବଳ ସ୍ରୋତ ଯୋଗୁ ମହାନଦୀ କୂଳ ଅତଡା ଖାଉଥିବାରୁ ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧକୁ ସୁଦୃଢ କରିବା ନିମନ୍ତେ ଲୁହା ତାର ଜାଲି ସହ ପଥର ପ୍ୟାକିଂ(ଡ଼ମ୍ପି) କାର୍ଯ୍ୟ ସମ୍ପନ୍ନ ହୋଇଛି। କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ନୀଳମାଧବ ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ୩୪୦ ମିଟର ମାଳବନ୍ଧକୁ ୧୨ ମିଟର ଓସାର ବିଶିଷ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ସମ୍ପୃକ୍ତ ମାଳବନ୍ଧ ନଦୀ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ସହ ବୃକ୍ଷ ରୋପଣ କରାଯିବାର ବ୍ୟବସ୍ଥା ଥିବାରୁ ଉକ୍ତ କାର୍ଯ୍ୟକୁ ଶୁକ୍ରବାର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ନାୟକ ସର୍ବେକ୍ଷଣ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ଏହାଛଡା ବାପୁଜୀ ପାର୍କ ନିକଟ ମହାନଦୀ ଦକ୍ଷିଣ ପାର୍ଶ ମାଳବନ୍ଧଠାରୁ କଣ୍ଟିଲୋ ଯାତ୍ରାପଦା ମାଛ ମାର୍କେଟ ପର୍ଯ୍ୟନ୍ତ ୫୫୦ ମିଟର ମାଳବନ୍ଧକୁ ୭ ମିଟର ଓସାରର ପିଚୁ ରାସ୍ତା ନିର୍ମାଣ କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କଠାରୁ ପ୍ରକାଶ। ତେବେ ପ୍ରଥମ ପର୍ଯ୍ୟାୟରେ ଯାତ୍ରାପଦା ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ୩୪୦ ମିଟର ମାଳବନ୍ଧର ନବୀକରଣ ସହ କଂକ୍ରିଟ ରାସ୍ତା ପାଇଁ ୧୮କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ବାପୁଜୀ ନଗର ନିକଟ ମାଳବନ୍ଧଠାରୁ ମାଛ ମାର୍କେଟ ପର୍ଯ୍ୟନ୍ତ ୫୫୦ ମିଟର ମାଳବନ୍ଧ ନବୀକରଣ ତଥା ପିଚୁ ରାସ୍ତା ପାଇଁ ୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି। ଏହି ମାଳବନ୍ଧ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋ ସମେତ ଆଖପାଖ ଅଞ୍ଚଳ ଓ ଶ୍ରୀନୀଳମାଧବ ମନ୍ଦିର ପାହାଡର ସୁରକ୍ଷା ପ୍ରାଚୀର ଭାବେ କାର୍ଯ୍ୟ କରିବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି। ଏହାଛଡା ମନ୍ଦିର ପଶ୍ଚିମ ଦ୍ୱାରଠାରୁ ମହାନଦୀ କୂଳେ ତଥା ମନ୍ଦିର ପାହାଡ ପାର୍ଶ୍ୱ ମଧ ଦେଇ ଉତ୍ତର ଦ୍ୱାର ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ଚିତ ବିନୋଦନ ପାଇଁ ମହାନଦୀ ଅଥଳ ଜଳରାଶୀ ଓ ବିସ୍ତୃତ ବାଲୁକା ଶର୍ଯ୍ୟା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆଧୁନିକ ଜ୍ଞାନ କୌଶଳରେ ୬ ମିଟର ଓସାରର ୨୬୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପରିକ୍ରମା (ଗାଡିୟାନ) ରାସ୍ତା ନିର୍ମାଣ କରାଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବିପର୍ଯ୍ୟୟ ପରିଚାଳନା ଯୋଜନା ପୁସ୍ତକ ଉନ୍ମୋଚିତ



ଅତିଥିମାନେ ବିପର୍ଯ୍ୟୟ ପରିଚାଳନା ଯୋଜନା ପୁସ୍ତକୁ ଉନ୍ମୋଚନ କରୁଛନ୍ତି।

ଖଣ୍ଡପଡ଼ା,୨୩।୮
(ଅଜୟ କୁମାର ମହାରଣା)

ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ କିପରି ସାମନା କରାଯିବ ଓ ସେହି ସମୟରେ ବିଭିନ୍ନସ୍ତରରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ୧୦୮, ୧୦୨ ଆମ୍ବୁଲାନ୍ସ ସେବାକୁ କିପରି ଯୋଗାଯୋଗ କରାଯିବ ସେ ସମ୍ପର୍କୀତ ସମସ୍ତ ତଥ୍ୟ ସମ୍ବଳିତ 'ବିପର୍ଯ୍ୟୟ ପରିଚାଳନା ଯୋଜନା' ପୁସ୍ତକର ଉନ୍ମୋଚନ ଉତ୍ସବ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଙ୍କୁର ଅଭିଳାଷ, ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆ, ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲା ପରିଷଦ ସଭ୍ୟା ଉଜଳ ମହାରଣାଙ୍କ ସମେତ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତର ଜନପ୍ରତିନିଧିଙ୍କ ଉପସ୍ଥିତିରେ ଉକ୍ତ ପୁସ୍ତକଟି ଉନ୍ମୋଚିତ ହୋଇଛି।

# ବାଇପାସ୍ ରାସ୍ତା ନବୀକରଣ ନେଇ କଂଗ୍ରେସ ପକ୍ଷରୁ ଦାବିପତ୍ର

ଖଣ୍ଡପଡା,୨୩।୮ (ଅଜୟ କୁମାର ମହାରଣା)

ବାରମ୍ବାର ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ ଖଣ୍ଡପଡ଼ା ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ କଂଗ୍ରେସ ଦଳ ପକ୍ଷରୁ ଏକ ଦାବିପତ୍ର ନୟାଗଡ଼ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି।

ଖଣ୍ଡପଡା ବାଇପାସ ରାସ୍ତାର ପ୍ରଶସ୍ତୀକରଣ ସହ ଉକ୍ତ ରାସ୍ତାରେ ଅବସ୍ଥିତ ସୁନାମୁହିଁ ପୋଲର ଆନୁଷଙ୍ଗିକ ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ରାଜ୍ୟ ସରକାର ପୂର୍ତ୍ତ ବିଭାଗ ଜରିଆରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ କାର୍ଯ୍ୟ ପାଇଁ ୨ବର୍ଷ ତଳୁ ଅନୁଦାନ ଅର୍ଥ ମଞ୍ଜୁର ହୋଇ ରାସ୍ତାପାର୍ଶ୍ୱରେ ବାହ୍ୟ ପ୍ରାଚୀର ନିର୍ମାଣ ସହ ଅବସ୍ଥିତ ବିଦ୍ୟୁତ୍ ଖୁଣ୍ଟଗୁଡିକ ଅନ୍ୟତ୍ର ଉଠାଯାଇଥିଲେ ହେଁ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଆସନ୍ତା ୧୦ ଦିନ ମଧ୍ୟରେ ଯଦି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଯାଏ ତାହା ହେଲେ କଂଗ୍ରେସ ପକ୍ଷରୁ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଯୁବ କଂଗ୍ରେସ ସଙ୍ଗଠକ ସନ୍ତୋଷ କୁମାର ସାହୁ ଚେତାବନୀ ଦେଇଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦଶପଲ୍ଲା ୨୩।୮ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅନ୍ତର୍ଗତ କାମିଟିପେଙ୍ଗା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଚମ୍ପେଶ୍ୱର ଭୋଇ(୫୮)। ଅପରାହ୍ନରେ ସେ ଗ୍ରାମ ନିକଟସ୍ଥ ପୋଖରୀକୁ ନିତ୍ୟକର୍ମ କରିବାକୁ ଯାଇଥିବାବେଳେ ପୋଖରୀ ତୁଠରେ ଗୋଡ ଖସିଯିବାରୁ ଗଭୀର ପାଣି ଚାଲିଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ଖବର ପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ କାମିଟିପେଙ୍ଗା ଗାଁରେ ପହଞ୍ଚି ତାଙ୍କୁ ପୋଖରୀରୁ ଖୋଜି ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ: ଭାରତର ଅନ୍ତରୀକ୍ଷ ଗାଥା



ଖଣ୍ଡପଡ଼ା ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

## ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳିତ

ଖଣ୍ଡପଡ଼ା,୨୩।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ, ଭାରତର ଅନ୍ତରୀକ୍ଷ ଗାଥା ବିଷୟବସ୍ତୁ ଆଧାରରେ ପାଳନ ପାଇଁ ଥିବା ଆହ୍ୱାନକୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ ମନଭରି ଉପଭୋଗ କରିଥିଲେ। ୨୦୨୩ ଆଜିର ଦିନରେ ଭାରତର ଚନ୍ଦ୍ରଯାନ-୩ ଚନ୍ଦ୍ର ପୃଷ୍ଠ ଅବତରଣ କରି ପୃଥିବୀବାସୀଙ୍କୁ ଯେଉଁ ଉତ୍କର୍ଷର ବାର୍ତ୍ତା ପ୍ରେରଣ କରିଥିଲା, ତାହାକୁ ଭାରତୀୟମାନଙ୍କ ମଧ୍ୟରେ ଜୀବିତ କରିବାକୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଏ ଅବସରରେ ଅୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ ଯୋଗଦେଇ ଛାତ୍ରୀମାନଙ୍କୁ ଏହି ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ କୁଇଜ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦିଲ୍ଲୀଠାରେ ପାଳିତ ରାଷ୍ଟ୍ରୀୟ ଉତ୍ସବ(ଚନ୍ଦ୍ରଯାନ ଉତ୍ସବ)ର ସିଧା ପ୍ରସାରଣ ଏଲଇଡି ପରଦା ମାଧ୍ୟମରେ ଛାତ୍ରୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ମହାକାଶ ସମ୍ପର୍କୀତ ସମୟ ଜ୍ଞାନକୌଶଳ ହାସଲ ପାଇଁ ପ୍ରୟାସ ଜାରି ରଖିଥିବା ଭାରତୀୟ ବିଜ୍ଞାନ ଗବେଷଣା ସଂସ୍ଥା(ଇସ୍ରୋ)ର ଏହି ସଫଳତାର କାହାଣୀ ଛାତ୍ରୀ ମାନଙ୍କୁ ପ୍ରଭାବିତ କରିଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ, ନିବେଦିତା ପଟ୍ଟନାୟକ, ନିରୁପମା ପ୍ରଧାନ, ଝରଣା ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଗମ କରୁଛି ବାଇକ୍ ଆମ୍ବୁଲାନ୍ସ

ଫୁଲବାଣୀ, ୨୩।୮
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳରେ ରହିଛି ଗମନାଗମନର ସମସ୍ୟା। ଅନେକ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଆବଶ୍ୟକ ସମୟରେ ସେଠାରେ ଆମ୍ବୁଲାନ୍ସ ପହଞ୍ଚି ପାରୁନି। ଜରୁରୀ ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଜିଲାରେ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଦୁର୍ଗମ ଅଞ୍ଚଳର ରୋଗୀଙ୍କୁ ଆବଶ୍ୟକ ସମୟରେ ଡାକ୍ତରଖାନାରେ ପହଞ୍ଚାଇବା ଏହି ବାଇକ୍ ଆମ୍ବୁଲାନ୍ସ ସେବାର ଲକ୍ଷ୍ୟ ଥିଲା। ଗତ ୨୦୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଏବେ ଜିଲାର ୪ଟି ବ୍ଲକରେ ଉପଲବ୍ଧ ହେଉଛି। ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୪ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଉପକୃତ ହେଲେଣି ବୋଲି ବିଭାଗୀୟ ଅଧିକାରୀ ଆଶିଷ ମହାନ୍ତି କହିଛନ୍ତି। ଗର୍ଭବତୀଙ୍କଠାରୁ ଆରମ୍ଭ କରି ସାଧାରଣ ରୋଗୀ ଏହି ଯୋଜନାରୁ ଉପକୃତ ହେଉଛନ୍ତି। ମହିଳାଙ୍କ ପ୍ରସବ ସମସ୍ୟାକୁ ସୁନିଶ୍ଚିତ କରିବା ଦିଗରେ ଏହି ବାଇକ୍ ଆମ୍ବୁଲାନ୍ସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜିଲାର ଫିରିଙ୍ଗିଆ, ଦାରିଙ୍ଗବାଡି, ବାଲିଗୁଡା ଓ ତୁମୁଡିବନ୍ଧ ବ୍ଲକର ଅପହଞ୍ଚ ଗ୍ରାମଗୁଡିକରେ ଏହି ସେବା ଜନସାଧାରଣଙ୍କ ନିକଟତର ହୋଇପାରିଛି। ଦୁର୍ଗମ ଅଞ୍ଚଳରେ କାହାର ଦେହଖରାପ ହେଲେ ଖବର ପାଇବା ମାତ୍ରେ ବାଇକ୍ ଆମ୍ବୁଲାନ୍ସ ରୋଗୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛି। ଫଳରେ ଏଥିରୁ ଗର୍ଭବତୀ, ପ୍ରସୂତି, ବରିଷ୍ଠ ନାଗରିକ, ଶିଶୁ ଓ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିମାନେ ଉପକୃତ ହେଉଛନ୍ତି। ବାଇକ୍ ଆମ୍ବୁଲାନ୍ସଗୁଡିକୁ ନିକଟସ୍ଥ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଡାଯାଇଛି। ଫଳରେ ଲୋକେ ସୁବିଧା ଓ ସହଜରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ବାଇକ୍ ଆମ୍ବୁଲାନ୍ସ ସେବାର ପରିଚାଳନା କରୁଥିବା ଜଣାପଡିଛି। ତେବେ ପ୍ରତ୍ୟେକ ବାଇକ୍ ଆମ୍ବୁଲାନ୍ସ ପାଇଁ ଜଣେ ଲେଖାଏ ଡ୍ରାଇଭର ନିଯୁକ୍ତ ହୋଇଛନ୍ତି। ନିକଟସ୍ଥ ଗ୍ରାମର ଆଶାକର୍ମୀଙ୍କ ନିକଟରୁ ସୂଚନା ପାଇବା ମାତ୍ରେ ବାଇକ୍ ଆମ୍ବୁଲାନ୍ସ ସେମାନଙ୍କ ନିକଟରେ ପହଞ୍ଚୁଛି। ଆମ୍ବୁଲାନ୍ସ ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପରେ ପୁଣି ସେମାନଙ୍କୁ ଆଣି ଘର ପାଖରେ ଛାଡିଥାଏ । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାର ୪୪୭୫ ରୋଗୀ ଏହି ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ଉପକୃତ ହେଲେଣି। ସେମାନଙ୍କ ମଧ୍ୟରେ ୩୦୪୮ ଗର୍ଭବତୀ ଓ ୩୦୨ ଶିଶୁ ରହିଛନ୍ତି।

# ୨୪ ଘଣ୍ଟା ଜଳୁଛି ବିଦ୍ୟୁତ୍ ଆଲୋକ

ନୟାଗଡ଼,୨୩।୮ (ଲୋକନାଥ ମିଶ୍ର)

ନୟାଗଡ଼ ଡିଏଫ୍ଓଙ୍କ ଆବାସିକ କାର୍ଯ୍ୟାଳୟଠାରୁ ହାଉସିଂ ବୋର୍ଡ ରସ୍ତାର ହାଇସିଂ ବୋର୍ଡ ପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟରେ ୨୪ ଘଣ୍ଟା ଲାଇଟ ଜଳୁଛି। ୮ଦିନ ହେଲା ବିଦ୍ୟୁତ୍ ବଲବ ଜଳୁଥିଲେ ମଧ ଏହାକୁ ବନ୍ଦ କରାଯାଉନି। ନୟାଗଡ଼ ମ୍ୟୁନିସିପାଲିଟିର କର୍ମଚାରୀଙ୍କ ଅପାରଗତା ଯୋଗୁ ଦିନ ବେଳେ ବଲବ ଜଳୁଥିବା ସ୍ଥାନୀୟ ଲୋକ କହୁଛନ୍ତି।

# ଖଳିସାହିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଖଳିସାହି ଗାଁରେ ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବନ କର୍ମଚାରୀ ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୩।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଖଳିସାହି ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜରିଆରେ ଖଳିସାହି ଗ୍ରାମର ଅମୃତ ସରୋବର ପାର୍ଶ୍ୱ ସମେତ ଥାନା ପାଖ ବିସ୍ତିର୍ଣ୍ଣ ସରକାରୀ ଜାଗାରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଖଳିସାହି ସରପଞ୍ଚ ଫକୀର ମୋହନ ଦାସ, ଖଣ୍ଡପଡ଼ା ବନପାଳ ସନାତନ ସ୍ୱାଇଁ, ଏମ୍ଜିଏନ୍ଆରଇଜିଏସ୍ ସହକାରୀ ପ୍ରକଳ୍ପ ଅଧିକାରିଣୀ ଜୟନ୍ତୀ ମିଶ୍ରଙ୍କ ସମେତ ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଜାଗଡ଼ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭଞ୍ଜନଗର,୨୩।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ଼ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଶୁକ୍ରବାର ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବି ହୋଇଛି। ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୧ଜଣ ୱାର୍ଡମେମ୍ବର ଶୁକ୍ରବାର ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି। ସେଠାରେ ଭାଜପା ଯୁବନେତା ଶିବ ଶଙ୍କର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉପଜିଲାପାଳ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦିନ ଧାର୍ଯ୍ୟ କରିବେ। ସେହିଭଳି ଆଗକୁ ଆଉ କେତେକ ପଞ୍ଚାୟତର ସରପଞ୍ଚଙ୍କ ସମେତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ମଧ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଭାଜପା ପକ୍ଷରୁ ଯୋଜନା ଚାଲିଛି। ଅନ୍ୟପକ୍ଷରେ ବିଜେଡି ମଧ କେତେକ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନିଜ ଦଳର ସମର୍ଥିତ ୱାର୍ଡମେମ୍ବର ମାନଙ୍କୁ ଏକାଠି କରୁଛି।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

ନୟାଗଡ଼,୨୩।୮ (ଲୋକନାଥ ମିଶ୍ର)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଏନ୍ଏସି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ସଙ୍ଗୀତ, ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ସଙ୍ଗୀତଜ୍ଞ ନବ କିଶୋର ମିଶ୍ର, କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ, ଶିକ୍ଷକ ଅଶୋକ ମଲ୍ଲ, ଉଦିତ ନାରାୟଣ ଦାଶ, ରାମକୃଷ୍ଣ ରଥ, ଜୟେନ୍ଦ୍ର ବେହେରା ଓ ପ୍ରଦୀପ୍ତ କୁମାର ରଥ ଯୋଗଦେଇଥିଲେ। ସେହିଭଳି ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଚାରକ ଭାବେ ନିର୍ମଳ ଚନ୍ଦ୍ର ଶୂରଦେଓ, ସନ୍ତୋଷ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତାରେ କାଉନସିଲର କିଷାନ କୁମାର ଦାଶ, ଜାନକୀ ବଲ୍ଲଭ ଜେନା, ଅଳକା ମଞ୍ଜରୀ ନାୟକ ଓ ଉର୍ମିଳା ଜେନା ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୯୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୫ଜଣ ପ୍ରତିଯୋଗୀ ପୁରସ୍କୃତ ହେବା ଲାଗି ଚୟନ ହୋଇଛନ୍ତି। ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅଗଷ୍ଟ ୩୧ରେ ପୂର୍ବାହ୍ନ ୧୦ଟାରେ ପଠାଣୀ ସାମନ୍ତ ସଂସ୍କୃତି ଭବନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କାଉନସିଲର ଲକ୍ଷ୍ମୀଧର ମହାପାତ୍ର ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ବହୁ ଛାତ୍ରୀ ଆହତ

## ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ



ଛାତ୍ରୀମାନେ ବିଦ୍ୟାଳୟ ଫେରୁଛନ୍ତି।

ବେଲଗୁଣ୍ଠା,୨୩।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତର ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରବିନାରାୟଣ ଗୌଡ଼ଙ୍କ ମାଡ଼ରେ ନବମ ଶ୍ରେଣୀର ବହୁ ଛାତ୍ରୀ ଆହତ ହୋଇଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକମାନେ। ପ୍ରଧାନ ଶିକ୍ଷକ ଛାତ୍ରୀମାନଙ୍କୁ କିଛି ଖାତା ଶନିବାର ଆଣିବାକୁ କହିଥିଲେ ମଧ ଗୁରୁବାର ଛାତ୍ରୀମାନଙ୍କ ଖାତା ଯାଞ୍ଚ କରିଥିଲେ। କିନ୍ତୁ ଛାତ୍ରୀମାନଙ୍କୁ ଶନିବାର ଖାତା ଆଣିବାକୁ କୁହାଯାଇଥିବାରୁ ଶ୍ରେଣୀର ତିନିଟି ପିଲାଙ୍କୁ ଛାଡିଦେଲେ ଆଉ ୩୬ ଜଣ ଛାତ୍ରୀ ଖାତା ଆଣି ନ ଥିବାରୁ ପ୍ରଧାନ ଶିକ୍ଷକ ରାଗିଯାଇ ସମସ୍ତ ଛାତ୍ରୀଙ୍କୁ ନିର୍ଦ୍ଦୟ ପିଟିଥିଲେ। ଫଳରେ ବହୁ ଛାତ୍ରୀଙ୍କ ହାତ ଫାଟିଯାଇଥିଲା। ଏ ସମ୍ପର୍କରେ ଅଭିଭାବକଙ୍କୁ କହିଲେ ଟିସି ଦେଇ ବିଦ୍ୟାଳୟରୁ ବାହାର କରିଦେବାକୁ ପ୍ରଧାନ ଶିକ୍ଷକ ଧମକ ଦେଇଥିବା ଛାତ୍ରୀମାନେ ଅଭିଭାବକଙ୍କୁ କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଛାତ୍ରୀମାନଙ୍କୁ ମାଡ ମାରିଥିବା ସ୍ୱୀକାର କରିଥିଲେ। ଶୁକ୍ରବାର ସ୍ଥାନୀୟ ଅଭିଭାବକ ନନ୍ଦ ସାହୁ, ତପନ କୁମାର ସାହୁ, ପ୍ରକାଶ ସାହୁ, ବିଜୟ ଲକ୍ଷ୍ମୀ ମହାରଣା, ଲକ୍ଷ୍ମୀ ସାହୁ, ବନିତା ସାହୁ, ସୀତା ବେହେରା ସମେତ ବହୁ ଅଭିଭାବକମାନେ ବିଦ୍ୟାଳୟକୁ ଆସିଥିଲେ ମଧ ପ୍ରଧାନ ଶିକ୍ଷକ ଛୁଟିରେ ଥିବାରୁ ଅଭିଭାବକମାନେ ତାଙ୍କୁ ସାକ୍ଷାତ କରିପାରି ନାହାନ୍ତି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଏନେଇ କିଛି ଜାଣି ନଥିବା କହିଛନ୍ତି। ଘଟଣା ସମ୍ପର୍କରେ ସେ ଅନୁଧାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ରାସ୍ତାକାମ ସାରିପାରୁନି ଆର୍‌ଡି

ଯାଜପୁର,୨୩।୮ (ହର୍ଷବର୍ଦ୍ଧନ ବେହେରା)




ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ଗ୍ରାମାଞ୍ଚଳର ଗମନାଗମନର ବିକାଶ ପାଇଁ ପ୍ରଣୟନ ହୋଇଛି। କିନ୍ତୁ ଜଣେ ଠିକାଦାରଙ୍କ ନାମରେ ଏକାଧିକ ପ୍ରକଳ୍ପର କାର୍ଯ୍ୟାଦେଶ ରହୁଛି। ଫଳରେ ଠିକାଦାର ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ ଓ ଶେଷ କରିପାରୁନାହାନ୍ତି ଏବଂ ଅଧିକାଂଶ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନର ବିଭାଗ ଅଧୀନରେ ୮ଟି ରାସ୍ତା ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ବିଭାଗୀୟ ରିପୋର୍ଟରୁ ସୂଚନା ମିଳିଛି।

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଆର୍ ଆଣ୍ଡ ବି ରାସ୍ତାଠାରୁ ୬.୪୫୦ କି.ମି. ଭାଡୁଡିପଶି ଭାୟା ମଙ୍ଗରାଜପୁର, ଝାଲସୁଖା ରାସ୍ତା ପାଇଁ ୪ କୋଟି ୬୦ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତା ୬।୧୨।୨୦୨୨ରେ ଆରମ୍ଭ ହୋଇ ୫।୯।୨୦୨୩ରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ୪.୩୦୦ କିମି ରାସ୍ତା ଶେଷ ହୋଇ ସେଥିରେ ୨ କୋଟି ୯୪ ଲକ୍ଷ ୪୯ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଥିପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାବାଦ୍ ୩୦।୧୧।୨୦୨୪ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଚେତାବନୀ ଦିଆଯାଇଛି। ସେହିପରି ୧୬ ନମ୍ବର ଜାତୀୟ ରାଜପଥଠାରୁ ୭.୩୪୦ କି.ମି. ମଧୁସୂଦନପୁର ଭାୟା ରଘୁନାଥପୁର ରାସ୍ତା କାର୍ଯ୍ୟ ପାଇଁ ୪ କୋଟି ୭୧ ଲକ୍ଷ ୭୫ ହଜାର ଟଙ୍କା ମଞ୍ଜୁର ହୋଇଛି। ଏଥିରୁ ୬.୪୧୦ କି.ମି. ରାସ୍ତା ସମ୍ପୂର୍ଣ୍ଣ ହୋଇଥିବାବେଳେ ୪ କୋଟି ୭ ଲକ୍ଷ ୫୮ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ରାସ୍ତା ୧୫।୧୨।୨୦୨୩ ସୁଦ୍ଧା ଶେଷ ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଏଯାଏ ତାହା ଅସମ୍ପୂର୍ଣ୍ଣ ରହିଛି। ବିଭାଗ ପକ୍ଷରୁ ଜମି ବିବାଦ ରହିଥିବା କୁହାଯାଉଥିବାବେଳେ ୩୧।୮।୨୦୨୪ ସୁଦ୍ଧା ଶେଷ କରିବାକୁ ଠିକାଦାରଙ୍କୁ ତାଗିଦ କରାଯାଇଛି। ହାଇଲେଭଲ କେନାଲ ରେଞ୍ଜ-୧ଠାରୁ ୭.୫୦୭ କି.ମି. ଜାମୁଝରି ଭାୟା ଭରତପୁର ରାସ୍ତା ନିର୍ମାଣ ପାଇଁ ୪ କୋଟି ୬୪ ଲକ୍ଷ ୫୧ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ସେଥିରୁ ଅଧିକ ଅର୍ଥ ୪ କୋଟି ୯୭ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଜମି ବିବାଦ ଥିବା ଦର୍ଶାଇ କାର୍ଯ୍ୟ ଶେଷ ହୋଇପାରୁନାହିଁ। ୧୬ ନମ୍ବର ଜାତୀୟ ରାଜପଥଠାରୁ ୧୦.୪୩୨ କି.ମି. ନରସିଂହପୁର ଭାୟା ପିପଲିଡ଼ିହ, କଣ୍ଟିଗଡ଼ିଆ ରାସ୍ତା ପାଇଁ ୬ କୋଟି ୧୭ ଲକ୍ଷ ୩୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତା କାର୍ଯ୍ୟ ୧୬।୪।୨୦୨୪ରେ ଶେଷ ହେବା କଥା। କିନ୍ତୁ ଏଯାଏ ପ୍ରାୟ

## ଜାରକା ଡିଭିଜନ

■ ଲୋକଙ୍କୁ କାଳ ୮ ଅଧାପନ୍ତରିଆ ପ୍ରକଳ୍ପ

ଆରମ୍ଭ ହୋଇନାହିଁ। ସମ୍ପୃକ୍ତ ଠିକାଦାରଙ୍କ ଅବହେଳା କାରଣରୁ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ନେଇ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଉନ୍ନତୀକରଣ କାର୍ଯ୍ୟରେ କଣ୍ଟିଗଡ଼ିଆଠାରୁ ପିପଲିଡ଼ିହ ପାଇଁ ୧ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୩୯ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି କାର୍ଯ୍ୟ ୮।୯।୨୦୨୧ରୁ ଆରମ୍ଭ ହୋଇ ୭।୬।୨୦୨୨ରେ ଶେଷ ହେବା କଥା। କିନ୍ତୁ ଆଜକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ରାସ୍ତାକାମ ଶେଷ ହୋଇପାରିନାହିଁ। ଏଥିରେ ବି ଜମି ବିବାଦ ରହିଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ରାହାଡ଼ପୁରଠାରୁ ୬.୦୪୫ କି.ମି. କମ୍ପାଲୁ ଭାୟା କାଦୁଅମାଗୁରା, ତଳକଣା ରାସ୍ତା ପାଇଁ ୪ କୋଟି ୩୫ ଲକ୍ଷ ୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୩ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହା ୨୧।୪।୨୦୨୪ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିବାବେଳେ ସମ୍ପୃକ୍ତ ଠିକାଦାରଙ୍କ ଅବହେଳା କାରଣରୁ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଥିପାଇଁ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଜାତୀୟ ରାଜପଥ ୫୩ଠାରୁ ୬ କି.ମି. କୋହ୍ଲ ଭାୟା ହରିଦାସପୁର ରେଲଷ୍ଟେଶନ ଓ ଭଡ଼ଙ୍ଗା ରାସ୍ତା ପାଇଁ ୩ କୋଟି ୬୭ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୨ କୋଟି ୨୫ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଥିଲେ ହେଁ ମାତ୍ର ୩ କି.ମି. ରାସ୍ତା ସମ୍ପୂର୍ଣ୍ଣ ହୋଇଛି। ଏହି ରାସ୍ତା କାର୍ଯ୍ୟ ୨୮।୨।୨୦୨୪ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲାବେଳେ ଠିକାସଂସ୍ଥାର ଅବହେଳା କାରଣରୁ ଅଧାପନ୍ତରିଆ ହୋଇଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏଥିପାଇଁ ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ଏହାବାଦ୍ ହାଇଲେଭଲ କେନାଲ ରେଞ୍ଜ୍-୧ଠାରୁ ୨ କି.ମି. ଜେନାପୁର ରେଲଷ୍ଟେଶନ ଗେଟ୍ ରାସ୍ତା ପାଇଁ ୧ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହା ୧୮।୧୨।୨୦୨୩ରୁ ଆରମ୍ଭ ହୋଇ ୧୭।୬।୨୦୨୪ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଏଯାଏ କାମ ଆରମ୍ଭ ହୋଇପାରିନାହିଁ। ବେସରକାରୀ ଜମି ବିବାଦ କାରଣରୁ କାମ ପଡ଼ିରହିଛି ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏଥିପାଇଁ ୬।୫।୨୦୨୪ରୁ ଧର୍ମଶାଳା ତହସିଲଦାରଙ୍କୁ ଜମି ଚିହ୍ନଟ ଲାଗି ଆର୍‌ଡି ବିଭାଗ ପକ୍ଷରୁ ପତ୍ର ଦିଆଯାଇଥିଲେ ହେଁ ତାହା ବି ପଡ଼ିରହିଛି। ଏଭଳି ଭାବେ ଅଧାପନ୍ତରିଆ ରାସ୍ତା କାର୍ଯ୍ୟ ସମ୍ପୃକ୍ତ ଶତାଧିକ ଗ୍ରାମର ଲୋକଙ୍କ ପାଇଁ କାଳ ହୋଇଛି।


@ ସନ୍ଧ୍ୟାରାଣୀ


@ ନରେଶ


@ ବିବୁନା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଳାତ୍କାର ଉଦ୍ୟମକାରୀଙ୍କୁ ୪ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୩।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଏକ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି ଶୁକ୍ରବାର ଶେଷ ହୋଇଛି। ଏହି ମାମଲା (୧୭୧/୨୦୧୯)କୁ ଅତିରିକ୍ତ ଆଡହକ ସେସନ୍ସ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଶୁଣାଣି କରି ବଳାତ୍କାର ଉଦ୍ୟମକାରୀ ପାଟକୁରା ଥାନା ଅନ୍ତର୍ଗତ ହନ୍ତପଡ଼ା ଗ୍ରାମର ଅଶୋକ ମଲ୍ଲିକଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦ ୫ ହଜାର ଟଙ୍କା, ଅନାଦାୟରେ ଅଧିକ ୩ ମାସ ଜେଲଦଣ୍ଡ ରହିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତା ମହିଳାଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ବାବଦ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ସମ୍ପର୍କରେ ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା ଉଲ୍ଲେଖ କରିଛନ୍ତି, ୨୦୧୯ ଜୁନ୍ ୨୫ ମଧରାତ୍ରରେ ପୀଡ଼ିତା ମହିଳାଙ୍କ ଘରକୁ ଅଶୋକ କୌଶଳକ୍ରମେ ଯାଇଥିଲେ। ବଳାତ୍କାର କରିବାକୁ ଉଦ୍ୟମ କରିବାରୁ ପୀଡ଼ିତା ପାଟି କରି ବିରୋଧ କରିଥିଲେ। ଆର ଘରେ ଶୋଇଥିବା ପୀଡ଼ିତାଙ୍କ ଶାଶୁ ଆସି ଅଶୋକଙ୍କୁ ଧରିବାରୁ ପେଲି ଦେଇ ପଳାଇ ଯାଇଥିଲେ। ଏହି ମାମଲାରେ ୧୦ ଜଣଙ୍କ ସାକ୍ଷୀ ନିଆଯାଇଥିବା ମାମଲାର ପରିଚାଳନାକାରୀ ଓକିଲ ଜେନା ସୂଚନା ପ୍ରଦାନ କରିଛନ୍ତି।

# ହଜାରେ ହେକ୍ଟର ଚାଷଜମି ଜଳପ୍ଲାବିତ: ଚାଷୀ ମୁଣ୍ଡରେ ଚଡ଼କ


ରଘୁନାଥପୁର ଅଞ୍ଚଳର ହଂସୁଆ ସଫେଇ ପାର୍ଶ୍ୱବର୍ତ୍ତୀ ଚାଷଜମି ଜଳପ୍ଲାବିତ ହୋଇପଡିଛି।

ରଘୁନାଥପୁର,୨୩।୮(ରାଜେନ୍ଦ୍ର ନାରାୟଣ ସିଂହ)

ଲଗାଣ ବର୍ଷାରେ ହଂସୁଆ ସଫେଇରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କୂଳ ଲଂଘିଛି। ଫଳରେ ରଘୁନାଥପୁର ବ୍ଲକ ଅଞ୍ଚଳର ହଂସୁଆ ପାର୍ଶ୍ୱବର୍ତ୍ତୀ ୧ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମୀ ଜଳ ପ୍ଲାବିତ ହୋଇଛି। ଚାଷ ଜମିରେ ୩ ଫୁଟ ଉଚ୍ଚର ବର୍ଷା ଜଳ ଲହରି ମାରୁଛି। ଚାଷୀମାନେ ପକେଇଥିବା ଧାନ ତଳି ପାଣିରେ ବୁଡ଼ି ପଚିଯାଇଛି। କିଛି ସ୍ଥାନରେ ରୁଆ ହୋଇଥିବା ଧାନଗଛ ମଧ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀ

## ଲଗାଣ ବର୍ଷାରେ କୂଳ ଲଂଘିଲା ହଂସୁଆ ସଫେଇ

■ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ

ମୁଣ୍ଡରେ ଚଡ଼କ ପଡ଼ିଥିବାବେଳେ ପୁନର୍ବାର ତଳି ପକେଇବା ପାଇଁ ସେମାନଙ୍କ ପାଖରେ ବିହନ ଅଭାବ ରହିଛି। ହଂସୁଆ ସଫେଇ କଟକ ଜିଲା କନ୍ଦରପୁର ନିକଟରୁ ବାହାରି ଜଗତ୍‌ସିଂହପୁର ଜିଲା ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳ ଦେଇ ଜଟାଧାରୀ ମୁହାଣରେ ସଂଯୋଗ ହୋଇଛି। ଏହି ତିନି ଗୋଟି ବ୍ଲକର ଅଧିକାଂଶ ଗହିରରୁ ଉଦ୍‌ବୃତ୍ତ ବର୍ଷାଜଳ ହଂସୁଆ ସଫେଇରେ ନିଷ୍କାସନ ହୋଇଥାଏ। ଚଳିତ ବର୍ଷ ଅଭାବି ବର୍ଷା ଯୋଗୁ ଚାଷୀ ବିଳମ୍ବରେ ଧାନ ତଳି ପକେଇଥିଲେ ଏବଂ କିଛି ସ୍ଥାନରେ ରୁଆ କାର୍ଯ୍ୟ ମଧ ଶେଷ ହୋଇଥିଲା। ଲଗାଣ ବର୍ଷା ଯୋଗୁ ବିରିଡି ବ୍ଲକର ଶିବପୁର, ଶଙ୍କରପୁର ରଘୁନାଥପୁର ବ୍ଲକର ଗୋଠିଣା, ବିରାଟ କଟକ, କୋଟକଣା, ସାଦେଇପୁର, ନୂଆପଲେଇ, ଅଢ଼େଇକୂଳ, ଗୁଆଳିପୁର, ଚିକିଣିଆ, ଅଚ୍ଛୁତପୁର, ନେଉଳିଆ ଓ ପୀତାମ୍ବରପୁର ଅଞ୍ଚଳର ଚାଷଜମିରେ ପାଣି ଜମି ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ପ୍ରତିବର୍ଷ ଏହାର ନିରାକରଣା ପାଇଁ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ଆସି ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କୁ ଆଶ୍ୱାସନା ଦେଇଥାନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ହଂସୁଆ ସଫେଇର ପୁନରୁଦ୍ଧାର ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥାଏ। ହେଲେ ପ୍ରତିକାର ସ୍ୱରୂପ ଦଳ ସଫା ଆଳରେ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ୍ କରି ଅନୁଦାନ ଅର୍ଥକୁ ହଡ଼ପ କରାଯାଉଥିବାର ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଜେନା ଅଭିଯୋଗ କରିଛନ୍ତି। ହଂସୁଆ ସଫେଇରେ ଆବଶ୍ୟକ ମୁତାବକ କାର୍ଯ୍ୟ ହୋଇ ନ ପାରିବା ଯୋଗୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ଅଞ୍ଚଳର ଚାଷୀମାନେ ବାରମ୍ବାର ତଳିରୋଇ ଚାଲିଥିବାବେଳେ ଥରକୁ ଥର ହଂସୁଆପାଣି ଏହାକୁ ନଷ୍ଟ କରୁଥିବାରୁ ଚାଷୀଙ୍କୁ ପ୍ରତିବର୍ଷ ପ୍ରଚୁର ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏହାର ଏକ ସ୍ଥାୟୀ ପ୍ରତିକାର ପାଇଁ କୃଷକ ସଙ୍ଗଠନର ସଭାପତି ଜେନା, ସମ୍ପାଦକ ଇଂ ବାବାଜୀ ଚରଣ ଜେନା, ଯୁଗ୍ମ ସମ୍ପାଦକ ବିନୋଦବିହାରୀ ମହାନ୍ତିଙ୍କ ସମେତ ଚାଷୀ ମହଲରୁ ସରକାରଙ୍କ ନିକଟରେ ଦାବି ହେଉଛି।

# ୨ ପର୍ଯ୍ୟଟକଙ୍କୁ ଛତିଆ ବଟ ସେବାୟତଙ୍କ ମାଡ଼

ଛତିଆ,୨୩।୮(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଛତିଆବଟର ଜଣେ ସେବାୟତ ୨ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ପର୍ଯ୍ୟଟକ ହେଲେ ଭୁବନେଶ୍ୱର ପାତ୍ରପଡା ଅଞ୍ଚଳର ଅଜୟ କୁମାର ଦାସ ଓ ରାଜେଶ ଦାସ। ଉଭୟ ଗୁରୁବାର ସନ୍ଧ୍ୟାରେ ଛତିଆ ବଟ ମନ୍ଦିର ବୁଲିବାକୁ ଆସିଥିଲେ। ତେବେ କୌଣସି କାରଣରୁ ସମ୍ପୃକ୍ତ ମନ୍ଦିର ସେବାୟତଙ୍କ ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଫଳରେ ସେବାୟତ ଉତ୍ତ୍ୟକ୍ତ ହୋଇ ଦୁଇ ଯୁବକଙ୍କୁ ମାଡ଼ ମାରିଥିଲେ। ଆକ୍ରମଣରେ ସେମାନଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ସେମାନେ ଗୁରୁତର ହୋଇ ମନ୍ଦିର ପରିସରରେ ପଡ଼ି ରହିଥିଲେ। ଅନ୍ୟ ସେବାୟତମାନେ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛତିଆ ବିଟ ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ ପହଞ୍ଚି ଗୁରୁତର ଯୁବକଙ୍କ ସମ୍ପର୍କୀୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଛତିଆ ବିଟ ହାଉସରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣା ଛତିଆର ଗାରିମାକୁ ନଷ୍ଟ କରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ଆହତ ପର୍ଯ୍ୟଟକ ଅଜୟ କୁମାର ଦାସ ଓ ରାଜେଶ ଦାସ।

# ବିରୋଧ ଯୋଗୁ ପୋଖରୀ ନିଲାମ ବନ୍ଦ ରହିଲା

କୁଜଙ୍ଗ,୨୩।୮(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଈ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ପଞ୍ଚାୟତ ପୋଖରୀ ନିଲାମ କରି ନ ପାରି ବ୍ଲକ ପ୍ରଶାସନ ଫେରି ଆସିବାକୁ ବାଧ୍ୟ ହୋଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଈ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ୭ ପଞ୍ଚାୟତ ପୋଖରୀ ଓ ଚନ୍ଦାପାଟ ହାଟର ନିଲାମ ପାଇଁ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିଲା। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ନିଲାମ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସମୟରେ କେତେଜଣ ଦୁର୍ନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଇ ବିରୋଧ କରିଥିଲେ। ଫଳରେ ବ୍ଲକ ପ୍ରଶାସନ କେବଳ ଚନ୍ଦାପାଟ ହାଟକୁ ୪୪, ୭୦୦ ଟଙ୍କାରେ ନିଲାମ କରିଥିବା ବେଳେ ପୋତାନଈ ପଞ୍ଚାୟତର ରେପୁରଗଣ୍ଡ, ପୋତାନଈ ଗାଁର ପୁରୁଣା ପଞ୍ଚାୟତ ପୋଖରୀ, ଦାର୍ଦିଆ ଓ ପୋତାନଈ ଗାଁର ଗୋଟିଏ ଲେଖାଏ ଅମୃତ ସରୋବର, ପଡା ମୌଜା କୋଠିଆ ସାହି ପୋଖରୀ, ଭଅଁରକୋଳା ନୂଆସାହି ପୋଖରୀ ଓ ଚନ୍ଦାପାଟ ହାଟ ପୋଖରୀକୁ ନିଲାମ କରି ପାରି ନ ଥିଲା। ଉପସ୍ଥିତ ଜନ ସାଧାରଣ ପ୍ରଥମେ ପଞ୍ଚାୟତରେ ଥିବା ୩୭ଟା ଦୋକାନ ଗୃହ ବେଆଇନ ଭାବେ ଜବରଦଖଲ କରି ରଖାଯାଇଥିବା ନେଇ ଅଭିଯୋଗ କରିଥିଲେ। ଦୋକାନ ଗୃହ ବାବଦ ଆୟ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ପଞ୍ଚାୟତ ରେଜିଷ୍ଟ୍ରାରରେ ଦୋକାନ ଗୃହ ହିତାଧିକାରୀଙ୍କ ନାଁ ନ ଥିବା ଦେଖି ସମିତି ସଭ୍ୟ ସତ୍ୟବାନ ମୁଦୁଲି ଅସନ୍ତୋଷବ୍ୟକ୍ତ କରିଥିଲେ। ସେହିପରି ଚନ୍ଦାପାଟ ହାଟ ପୋଖରୀ ଜଣେ ବ୍ୟକ୍ତି ପୂର୍ବରୁ ନିଲାମ ନେଇଥିବା କହିବାରୁ ନିଲାମ ବହିରେ ଏ ସଂକ୍ରାନ୍ତରେ କୌଣସି ସୂଚନା ନ ଥିବା ଜଣାପଡ଼ିଥିଲା। ଅନ୍ୟପଟେ ପୋତାନଈ ଓ ଦାର୍ଦିଆର ଅମୃତ ସରୋବର କାମ ସଂପୂର୍ଣ୍ଣ ହୋଇନାହିଁ କି ବିଲ୍ ମିଳିନାହିଁ ତେଣୁ ନିଲାମ ହୋଇପାରିବ ନାହିଁ ବୋଲି କହି କେତେଜଣ ବିରୋଧ କରିଥିଲେ। ନିଲାମ କାର୍ଯ୍ୟ ସମ୍ପାଦନ ପାଇଁ ଯାଇଥିବା କୁଜଙ୍ଗର ଅତିରିକ୍ତ ବିଡିଓ ପ୍ରଶାନ୍ତ କୁମାର ଜେନା ଏ ସମ୍ପର୍କରେ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ନିଲାମ ପ୍ରକ୍ରିୟା ବନ୍ଦ ରଖାଯିବା ସହ ୭ ଦିନ ମଧ୍ୟରେ ସବିଶେଷ ତଥ୍ୟ ଦେବାକୁ ନିର୍ବାହୀ ଅଧିକାରୀଙ୍କୁ କହିଛନ୍ତି।

# ବର୍ଷାଋତୁକୁ ଛାଡ଼ିଲେ ଆର୍ଦ୍ରଭୂମିକୁ ମଧୁର ଜଳ ମିଳୁନି

କେନ୍ଦ୍ରାପଡ଼ା, ୨୩।୮ (ଜଗନ୍ନାଥ ଧଳ)

ବର୍ଷାଋତୁ ପ୍ରଭାବରେ ମହାନଦୀ ଓ ବୈତରଣୀ ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀରେ ସାମାନ୍ୟ ଧରଣର ବନ୍ୟାଜଳ ଆସିଥିଲା। ଜାତୀୟ ଉଦ୍ୟାନ ଭିତରକନିକା ଆର୍ଦ୍ରଭୂମି ସହ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୪୭ ପଞ୍ଚାୟତରେ ଚାଷବାସକୁ ଅସ୍ତବ୍ୟସ୍ତ କରିଥିଲା। ଏପରି ପ୍ରତିବର୍ଷ ବନ୍ୟାଜଳ ନିଷ୍କାସିତ ପରେ ଆର୍ଦ୍ରଭୂମି ଭିତରକନିକାକୁ ଆବଶ୍ୟକ ମଧୁର ଜଳ ମିଳୁନାହିଁ। ଅନ୍ୟ ସମୟରେ ନଦୀ ଜଳ ସ୍ରୋତ କମିବା ଫଳରେ ଆର୍ଦ୍ରଭୂମିର ଜୈବ ବିବିଧତା ନଷ୍ଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ଉପରେ ପ୍ରଭାବ ପକାଉଛି। ସେହିପରି ଅଣମୌସୁମୀ ସମୟରେ ନଦୀ ମଧ ଦେଇ ଲୋକେ ପାଦରେ ଯା'ଆସ କରୁଛନ୍ତି। ଖରାଦିନେ ଭିତରକନିକାକୁ ଆବଶ୍ୟକତାଠାରୁ ମାତ୍ର ୧୫ ପ୍ରତିଶତ ମଧୁର ଜଳ ମିଳୁଛି। ଜିଲାବାସୀଙ୍କ ପାଇଁ ନଦୀ ଜଳ ପରିଚାଳନା ଏକ ଆହ୍ୱାନ ପାଲଟିଥିବା ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଭାଜପା ନେତା ଭୁବନ ମୋହନ ଜେନା କହିଛନ୍ତି, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଓ ଅସଂଖ୍ୟ ନାଳ ଭିତରକନିକା ଆର୍ଦ୍ରଭୂମି ପାଇଁ ମଧୁର ଜଳ ପ୍ରଦାନ କରୁଛି। ସମ୍ପ୍ରତି ଏହି ନଦୀ ନାଳ ସେହି ଅଞ୍ଚଳକୁ ମଧୁର ଜଳ ଯୋଗାଣ ପାଇଁ ପର୍ଯ୍ୟାପ୍ତ ହୋଇପାରୁନାହିଁ। ଛତିଶଗଡ଼ ନଦୀବନ୍ଧ ଯୋଜନା ପରେ ମହାନଦୀର ଜଳ ସ୍ରୋତ କମିଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ମଧୁର ଜଳକୁ ଶିଳ୍ପ ଶୋଷୁଛି। ଏହାବ୍ୟତୀତ କ୍ଷେତ ଓ ପାନୀୟ ଜଳ ପାଇଁ ବିଭିନ୍ନ ନଦୀରେ ପ୍ରକଳ୍ପ ହୋଇଛି। ନଦୀ ଶଯ୍ୟା ଓ ମୁହାଣ ପୋତି ହୋଇଯାଉଥିବା ବେଳେ ପଠା ଅଞ୍ଚଳ ବଢ଼ିଛି। କ୍ରିକ୍‌ବନ୍ଧ ଓ ବ୍ୟାରେଜ ଯୋଜନା ନ ଥିବାରୁ ଆର୍ଦ୍ରଭୂମିକୁ ଯଥେଷ୍ଟ ମଧୁର ଜଳ ଦିଆ ଯାଇପାରୁନାହିଁ। ଫଳରେ ହେନ୍ତାଳ ବଣ ସୃଷ୍ଟି ହୋଇ ପାରୁ ନ ଥିବାରୁ ସମୁଦ୍ର ଭୂଭାଗକୁ ମାଡି ଆସୁଛି। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ୨୦୨୦ ଡିସେମ୍ବର ୧୬ରେ ରାଜନଗର ବନଖଣ୍ଡ, ଚିଲିକା ଡେଭଲପମେଣ୍ଟ ଅଥରିଟି, ଜିଆଇଜେଡ ଇଣ୍ଡିଆ ପକ୍ଷରୁ ରାଜନଗର ବ୍ଲକ ଗୁପ୍ତିଠାରେ ଭିତରକନିକା ସମନ୍ୱିତ ପରିଚାଳନାରେ ଜଳ ଓ ପରିବେଶ ଶୀର୍ଷକ ଏକ କର୍ମଶାଳା ହୋଇଥିଲା। ଏହି କର୍ମଶାଳାରେ ବୈଜ୍ଞାନିକ ଡ. ଗୁରୁଦୀପ ରସ୍ତୋଗୀ, ଖୁସଓ୍ୱନ୍ତ ସିଂହ ପ୍ରମୁଖ ଯୋଗଦେଇ ଭିତରକନିକାରେ ମଧୁର ଜଳର ଆବଶ୍ୟକତା ନେଇ ନିଜର ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, ୨୦୦୧ରେ ଭିତରକନିକା ଆର୍ଦ୍ରଭୂମିରେ ୭୪.୬୪ ପ୍ରତିଶତ ମଧୁର ଜଳ ପହଞ୍ଚୁ ଥିଲା। ଏବେ ଏହି ଜଳର ପରିମାଣ ୪୬ ପ୍ରତିଶତରେ ପହଞ୍ଚିଛି। ଜଳ ଉପଲବ୍ଧି ସମ୍ପର୍କରେ ମଡେଲକୁ ଅନୁଧାନ କଲେ ବ୍ରାହ୍ମଣୀ ଅବବାହିକାରେ ଥିବା ଜଳ ପରିମାଣ ୨୦୦୧ର ୭୯ ପ୍ରତିଶତ ଥିବା ବେଳେ ୨୦୫୧ରେ ଏହା କମିଯାଇ ୩୧ ପ୍ରତିଶତରେ ରହିବ। ଏବେ ଅଣମୌସୁମୀ ସମୟରେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ଏହି ଆର୍ଦ୍ରଭୂମିକୁ ପହଞ୍ଚୁଛି। କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ, ଜନସଂଖ୍ୟା, ସହରୀକରଣକୁ ଦୃଷ୍ଟିରେ ରଖିଲେ ଭିତରକନିକାକୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ କମିଟିର ଅନୁଧାନ ଆବଶ୍ୟକ। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ୨୦୦୩ରେ ଭାରତୀୟ ବନ୍ୟଜୀବ ସଂସ୍ଥାନ ପକ୍ଷରୁ ଭିତରକନିକା ଜୈବ ବିବିଧତା ସମ୍ପର୍କରେ ପରିବେଶ ଓ ଏହାର ଉତ୍ସ ସମ୍ପର୍କରେ ମୂଲ୍ୟାୟନ ହୋଇଥିଲା। ଏହି ରିପୋର୍ଟରେ ଆର୍ଦ୍ରଭୂମି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ସହ ବନ୍ୟ ପରିବେଶ, ବନ୍ୟ ଜୀବ, ସାମୁଦ୍ରିକ ଜୀବ ସମ୍ପର୍କରେ ଅନୁଧାନ ହୋଇଥିଲା। ଭିତରକନିକା ଜୈବ ବିବଧତାକୁ ମଧୁର ଜଳ ବଞ୍ଚାଇ ରଖିଥିବା ଏଥିରେ ପ୍ରକାଶ ପାଇଛି। ସେହିପରି ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଜଳ ଉତ୍ସ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଡିସେମ୍ବରରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଶଯ୍ୟା ତଳମୁଣ୍ଡରେ ପୋତି ହେଉଛି। ବିଭିନ୍ନ ସ୍ଥାନରେ ପଠା ଅଧିକ ବଢ଼ିଯିବା ଯୋଗୁ ଜଳ ଧାରଣ କ୍ଷମତା କମିଛି। ସେହିପରି ମୁହାଣ ଅଞ୍ଚଳକୁ ଖୋଳା ଯିବା ପ୍ରସ୍ତାବ ରହିଛି। ତଳ ମୁଣ୍ଡରେ ନଦୀବନ୍ଧକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ନଦୀ ଜଳ ପରିଚାଳନା କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ଆହ୍ୱାନ ସାଜିଛି।



■ ପାଦରେ ଚାଲି ଲୋକେ ଖରାଦିନେ ନଦୀ ପାରହେଉଛନ୍ତି

■ ଭିତରକନିକାକୁ ଅଣମୌସୁମୀରେ ୧୫ ପ୍ରତିଶତ ଜଳ ମିଳୁଛି

■ ନଦୀଜଳ ପରିଚାଳନା ଜିଲା ପାଇଁ ଆହ୍ୱାନ ସାଜିଛି

# ବିଦ୍ୟୁତ୍ କଟିଲେ ସିଟି ସ୍କାନ୍ କାମ କରୁନି

**ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ**

- ଜେନେରେଟରର ସଂଯୋଗ ନ ଥିବାରୁ ମିଳୁନି ସେବା
- ଅଗଷ୍ଟରୁ ସିଟି ସ୍କାନ୍ ସେବା ହେଉଛି ଉପଲବ୍ଧ

ନୟାଗଡ଼,୨୩।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଭିତରେ ଅଗଷ୍ଟ ମାସରୁ ସିଟି ସ୍କାନ୍ ସୁବିଧା ଉପଲବ୍ଧ ହେଉଛି। ହେଲେ ବିଦ୍ୟୁତ୍ କଟିଲେ ଏହି ସେବା ଠପ୍ ହୋଇଯାଉଛି। ଜେନେରେଟରର ସଂଯୋଗ ହୋଇ ନ ଥିବାରୁ ଘର ଅନ୍ଧକାର ହୋଇଯିବା କାରଣରୁ ସିଟି ସ୍କାନ ସେବା ମିଳୁନି। ହାତପାହାନ୍ତାରେ ସେବା ଥାଇବି ବିଦ୍ୟୁତ୍ କଟିଲେ ସେବା ମିଳୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ସିଟି ସ୍କାନ ସେବାର ଠିକ୍ ସମୀକ୍ଷା କରା ନ ଗଲେ ବଡ଼ଧରଣର ଅଘଟଣ ସମୟରେ ବିଦ୍ୟୁତ୍ ନ ଥିଲେ ରୋଗୀଙ୍କୁ ସେବା ଯୋଗାଇବା କାଠିକର ପାଠ ହୋଇଯିବ। ଏଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

ଏ ନେଇ ସିଟି ସ୍କାନ୍ କାର୍ଯ୍ୟରେ ନିୟୋଜିତ ଥିବା ଜଣେ କର୍ମଚାରୀ କହିଛନ୍ତି, ସିଟି ସ୍କାନ ଯୋଗାଇଥିବା ସଂସ୍ଥା ଜେନେରେଟର ଯୋଗାଇବେ। ତେବେ ଜେନେରେଟର ଆସିବାରେ ବିଳମ୍ବ ହେଉଛି। ଏଣୁ ବିଦ୍ୟୁତ୍ କଟିଲେ ଘର ଅନ୍ଧକାର ରହୁଥିଲେ ମଧ୍ୟ ବ୍ୟାଟେରି ଯୋଗୁ ୨ରୁ ୩ଜଣଙ୍କର ସିଟି ସ୍କାନ ହୋଇପାରୁଛି। ଅଧିକ ରୋଗୀଙ୍କ ସିଟି ସ୍କାନ ହୋଇପାରୁନି। ଜେନେରେଟର ବ୍ୟବସ୍ଥା କରାଗଲେ ସିଟି ସ୍କାନ ସେବାରେ ଆଉ କିଛି ଅସୁବିଧା ହେବନାହିଁ। ଗଣିଆର ସୁଦାମ ପ୍ରଧାନ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ ସୁବିଧା ମିଳୁ ନ ଥିଲା। ଫଳକରେ ସିଟି ସ୍କାନ ସେବା, ରୋଗୀ ହଟହଟା ନେଇ ମେ ମାସରେ ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟବିଭାଗର ତତ୍ପରତା ପ୍ରକାଶ ପାଇଥିଲା। ଅଗଷ୍ଟ ମାସର କିଛିଦିନ ପରେ ସେବା ଉପଲବ୍ଧ ହେଉଛି। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଓ ସିଡିଏମ୍‌ଓ, ଧରତ୍ରୀକୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷେ ସିଟି ସ୍କାନ ସେବା ଉପଲବ୍ଧ ପରେ ମୋର ୨ଜଣ ବନ୍ଧୁ ଉପକୃତ ହୋଇଛନ୍ତି। ଭଲ ସେବା ମିଳୁଛି। ଜୁନରେ ମୋର ୩ଜଣ ସମ୍ପର୍କୀୟ ବାହାରେ ସିଟି ସ୍କାନ କରି ଅଯଥା ଖର୍ଚ୍ଚାନ୍ତ ହୋଇଥିଲେ। ନୟାଗଡ଼ର ସ୍ୱେଚ୍ଛାସେବୀ ବିଭୂତି ପଟ୍ଟନାୟକ କହିଛନ୍ତି, ଚଳିତ ମାସରୁ ସିଟି ସ୍କାନ ସେବା ମିଳୁଛି। ହେଲେ ବିଦ୍ୟୁତ୍ କଟିଲେ ସିଟି ସ୍କାନ କରାଯାଉଥିବା ଘର ଅନ୍ଧକାରରେ ରହୁଛି। ଯଦିଓ ବ୍ୟାଟେରି ଯୋଗେ ସିଟି ସ୍କାନ କରାଯାଉଛି ତେବେ ଏଥିରେ ମାତ୍ର ୨ରୁ ୪ଜଣ ରୋଗୀ ଉପକୃତ ହେଉଛନ୍ତି।



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସିଟି ସ୍କାନ ମେଶିନ।

ତେବେ ସିଟି ସ୍କାନ ବେଳେ ମୋବାଇଲ ଲାଇଟ, ଟର୍ଚ୍ଚ ଲାଇଟ୍ ଅଥବା ମହମବତି ଲାଇଟ ପକାଇ ସିଟି ସ୍କାନ କରାଯିବ। କାରଣ ଲାଇନ ନ ଥିବାରୁ ଘରେ ବଲବ ଜଳୁନି। ଏଭଳିଆ ସମସ୍ୟା ଦେଖା ଦେଇଥିଲେ ମଧ୍ୟ ତାହା ଲୁଚି ଯାଇଛି। ଏଣୁ ଏ ଦିଗରେ ଆଗୁଆ ପଦକ୍ଷେପ ନେବା ଜରୁରୀ। ନୟାଗଡ଼ର ସନ୍ତୋଷ ପ୍ରଧାନ କହିଛନ୍ତି, ବିଦ୍ୟୁତ୍ କଟିଲେ ଜେନେରେଟର ଯୋଗେ କିପରି ଘରକୁ ଆଲୋକୀକରଣ କରାଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଦରକାର। ଭାପୁରର ସୀତା ବେହେରା କହିଛନ୍ତି, ସିଟି ସ୍କାନ ସେବା ଚିକିତ୍ସାଳୟରୁ ମିଳିବା ପରେ ରୋଗୀମାନେ ଉପକୃତ ହେଉଛନ୍ତି। ତେବେ ବିଦ୍ୟୁତ୍ ନ ଥିବାବେଳେ ରୋଗୀ ସେବା ପାଉ ନଥିବା ବିଷୟକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଅଜୟ ବାହିନୀପତିଙ୍କୁ ପଚାରିବାରେ ବିଦ୍ୟୁତ୍ କଟିଲେ ସିଟି ସ୍କାନ ସେବା ମିଳୁ ନ ଥିବା ଜାଣି ନ ଥିଲି। ଆପଣମାନଙ୍କଠାରୁ ସୂଚନା ପାଇବା ପରେ ବିଦ୍ୟୁତ୍ କଟିଲେ ମଧ୍ୟ ରୋଗୀ କିପରି ସେବା ପାଇପାରିବେ ସେନେଇ ବ୍ୟବସ୍ଥା କରାଯାଉଛି। ସିଟି ସ୍କାନ ଯୋଗାଇଥିବା ସଂସ୍ଥା ପ୍ରାୟ ମାସେ ଭିତରେ ଜେନେରେଟର ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାସେ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଜେନେରେଟରରୁ ସିଟି ସ୍କାନ ଗୃହକୁ ସଂଯୋଗ ଦିଆଯିବାକୁ ନିଷ୍ପତ୍ତି ନେଇଛୁ। ଏ ନେଇ ସରକାରୀ ନିୟମ ମୁତବାକ କାମ କରିବାକୁ ପଡିବ। ଏହି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସିଟି ସ୍କାନର ୨୪ ଘଣ୍ଟିଆ ସେବା ରୋଗୀ କିପରି ପାଇପାରିବେ ସେନେଇ ଆମେ ବ୍ୟବସ୍ଥା କରିଛୁ ବୋଲି ସେ କହିଛନ୍ତି।

# କୋମଣ୍ଡ ପଞ୍ଚାୟତରେ କ୍ୟାମ୍ପ କୋର୍ଟ

ଓଡ଼ଗାଁ,୨୩।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା କୋମଣ୍ଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡ଼ଗାଁ ସିଭିଲ ଜଜ୍‌କୋର୍ଟ ଆନୁକୂଲ୍ୟରେ ଶୁକ୍ରବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ତଥା ଓଡ଼ଗାଁ ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ରଙ୍କ କୋର୍ଟରେ ୧୦ ମାମଲାର ସାକ୍ଷ୍ୟ ଗ୍ରହଣ କରାଯାଇ ସମାଧାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୩ ମାମଲାର ସାକ୍ଷ୍ୟ ଗ୍ରହଣ କରାଯାଇଥିବା ବେଳେ ଗୋଟିଏ ମାମଲାର ଫଇସଲା ହୋଇଥିଲା। କାଠ ଫାଳିଆରେ ମାଡ଼ ମାରି କୋମଣ୍ଡ ଗୁରୁ ବାରିକଙ୍କ ମୁଣ୍ଡ ଫାଟାଇ ଗଭୀର କ୍ଷତ ପହଞ୍ଚାଇବା ମାମଲା ଓ ସେହିପରି ଅନ୍ୟ ଗୋଟିଏ ମାମଲାରେ କଣ୍ଟେଷ୍ଟ ହୋଇଥିବାରୁ ୨ ମାମଲା ସମାଧାନ ହୋଇ ପାରି ନ ଥିଲା। ଏହି ମାମଲାରେ ସମ୍ପୃକ୍ତ ସାକ୍ଷୀମାନେ ମାମଲାକୁ ସମାଧାନ ନ କରି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ଦୋଷୀକୁ ଦଣ୍ଡ ଦେବା ପାଇଁ କହିଥିଲେ। କ୍ୟାମ୍ପ କୋର୍ଟରେ ସହକାରୀ ଜନତା ଅଧିବକ୍ତା ରାନୀ ସସ୍ମିତା, ପ୍ରମୋଦ ବିଶ୍ୱାଳ ମାମଲା ପରିଚାଳନା କରିଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ବିନୋଦ କୁମାର ସାହୁ ରହିଥିଲେ। ପେସ୍କାର ଶୁଭଶ୍ରୀ ସେଠୀ ଏବଂ ଷ୍ଟେନୋ ପୂଜା ପ୍ରଧାନ ନ୍ୟାୟାଧିକାରୀଙ୍କୁ ସହଯୋଗ କରିଥିଲେ।

# ଆଇନ ସେବା ପ୍ରାଧିକରଣ ସଚିବଙ୍କ ବିଦ୍ୟାଳୟ ପରିଦର୍ଶନ



ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଚାରା ରୋପଣ କରୁଛନ୍ତି।

ନୟାଗଡ଼,୨୩।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଶୁକ୍ରବାର ଜବାହାର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସଚିବ ଓ ସବଜଜ୍ ବିଦ୍ୟାଳୟରେ ଚାରାରୋପଣ କରି ସବୁଜତାର ବାର୍ତ୍ତା ପ୍ରଦାନ କରିଥିଲେ। ଜାତୀୟ ସଙ୍ଗୀତ ଗାନ ସହ ବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ କୁମାର ଦାସ ସ୍ୱାଗତ କରିଥିଲେ। ସଚିବ ଅଞ୍ଜଳି ମଛଖଣ୍ଡ ବିଦ୍ୟାଳୟ ସ୍ତରରେ ମୌଳିକ ଆଇନ ଜ୍ଞାନର ଆବଶ୍ୟକତା, ପରିଚ୍ଛନ୍ନତା, ଶୃଙ୍ଖଳା, ସହଯୋଗ ଏବଂ ଆତ୍ମସମ୍ମାନ ସହକାରେ ଜ୍ଞାନ ଆହରଣ ଉପକାରିତା ବୁଝାଇ ଥିଲେ। ସବଜଜ୍ ସତ୍ୟବ୍ରତ ରଣା ଶିକ୍ଷା ଗ୍ରହଣ ପାଇଁ ବିଭିନ୍ନ ସୁବିଧା ଓ ସୁଯୋଗର ଉପଯୋଗ ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ ଏବଂ ସଦସ୍ୟ ମହମ୍ମଦ ଓମାର ମାଲିକ ଜାତୀୟତା, ଦେଶ ପ୍ରେମ ଏବଂ ସଂହିତି ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା, ଓଡ଼ିଶାର ଶିଶୁମାନଙ୍କର ମାଗଣା, ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ଓ ଆଇନ ସେବା ପ୍ରାଧିକରଣ ଅଧିନିୟମ ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣ ସଚିବ ସମ୍ବିଧାନର ରକ୍ଷା ଏବଂ ଜନସାଧାରଣଙ୍କ ଆଇନଗତ ଅଧିକାର ପ୍ରାଧିକରଣ କର୍ତ୍ତବ୍ୟ ବୋଲି ଦର୍ଶାଇଥିଲେ। ଆଇନଜୀବୀ କାମାକ୍ଷା ପ୍ରସାଦ ଦାଶ, ଅଧ୍ୟାପିକା ଲିପାଞ୍ଜଳୀ ଉପାଧ୍ୟାୟ, ଜିଲା ସଂଯୋଜିକା ସୁଚିସ୍ମିତା ପ୍ରିୟଦର୍ଶିନୀ ବାଳିକା ସୁରକ୍ଷା ଏବଂ ଶିକ୍ଷା ପ୍ରତି ଆଗ୍ରହ ବୁଝାଇଥିଲେ। ଛାତ୍ର ଓମ ପ୍ରକାଶ ସାହୁ, ଶ୍ରଦ୍ଧେୟ ଚନ୍ଦ୍ର ଦଳେଇ ଏବଂ ଛାତ୍ରୀ ଅଲିସା ସିଂ, ରାଜିକା ସାହୁ ଆଲୋଚନା ଚକ୍ରର ଭାବାର୍ଥ ପ୍ରକାଶ କରିଥିଲେ। ଅଧ୍ୟାପିକା ପୁନମ ଗାଲେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ମିଶ୍ର, ସୁଜିତ କୁମାର ମିଶ୍ର ଓ ରଞ୍ଜିତ କୁମାର ମିଶ୍ର କାର୍ଯ୍ୟକ୍ରମ ରୂପାୟନରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ପ୍ରଦୀପ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

# ଭୁଶୁଡ଼ିଲା ଘର, ବର୍ତ୍ତିଗଲେ ପରିବାର ଲୋକ



ଭଙ୍ଗିଯାଇଥିବା ଗୃହ।

ଦଶପଲ୍ଲା,୨୩।୮ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁରେ ଏକ ଝାଟିମାଟି ଘର ଗୁରୁବାର ରାତିରେ ଭୁଶୁଡ଼ି ପଡିଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗ୍ରାମର ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କ ପରିବାର ଲୋକ ଘର ମଧ୍ୟରେ ଶୋଇଥିବା ବେଳେ ତାଙ୍କର ଝାଟିମାଟି ଘରଟି ମଧ୍ୟରାତ୍ରରେ ଅଚାନକ ଭୁଶୁଡ଼ି ପଡ଼ିଥିଲା। ଏହି ଭଙ୍ଗାଘର ମଧ୍ୟରେ ଶ୍ରୀକାନ୍ତଙ୍କ ରୋଗଣା ମା', ଆସନ୍ନପ୍ରସବା ସ୍ତ୍ରୀ ରହି ଯାଇଥିଲେ। ଗ୍ରାମବାସୀଙ୍କ ଦୀର୍ଘ ୨ ଘଣ୍ଟାର ଉଦ୍ୟମ ପରେ ଭଙ୍ଗା ଘର ଭିତରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ଶ୍ରୀକାନ୍ତ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବାବେଳେ ସେ ଏକ ଚା ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ତାଙ୍କର ବାସଗୃହଟି ଭାଙ୍ଗିଯିବା ଯୋଗୁ ସେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ସହ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୨ଦିନ ହେଲା ବିଏସ୍ଏନ୍ଏଲ୍ ସେବା ଅଚଳ, ଗ୍ରାହକ ଅସନ୍ତୁଷ୍ଟ

ଓଡଗାଁ, ୨୩।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ସମେତ ସହର ଓ ଗ୍ରାମାଞ୍ଚଳରେ ୨ଦିନ ହେଲା ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଏହାଦ୍ୱାରା ଅଗଣିତ ଗ୍ରାହାକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ କମ୍ପାନୀ ସେମାନଙ୍କ ଟାରିଫ ରେଟରେ ଅହେତୁକ ବୃଦ୍ଧି କରିବା କାରଣରୁ ହଜାର ହଜାର ଗ୍ରାହକ ବିଏସ୍ଏନ୍ଏଲ୍ ପ୍ରତି ଆସ୍ଥା ପ୍ରକଟ କରିଥିଲେ। ଏପରିସ୍ଥିତିରେ ମୋବାଇଲ ଅଚଳ ହେବା କାରଣରୁ ଏତେ ସଂଖ୍ୟକ ଗ୍ରାହକ ନିଜ ପରିଜନ, କାର୍ଯ୍ୟାଳୟ ଓ ସାମାଜିକ ଗଣମାଧ୍ୟମ ସହ ଯୋଗାଯୋଗ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଯୁବ ମୋବାଇଲ ବ୍ୟବସାୟୀ ଚନ୍ଦନ ପାତ୍ର କହିଛନ୍ତି, ଦୁଇଦିନରେ ଅନେକ ବିଏସ୍ଏନ୍ଏଲ୍ ଗ୍ରାହକ ସେମାନଙ୍କ ମତ ପରିବର୍ତ୍ତନ ପୂର୍ବକ ଅଲଗା କମ୍ପାନୀକୁ ନିଜ ନମ୍ବର ପୋର୍ଟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ହେଲେ ଏ ନେଇ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ସ୍ଥାନୀୟ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ପ୍ରତିକ୍ରିୟା ନେବା ସମ୍ଭବ ହୋଇନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହିତ ବିଚାର ନ କଲେ ବିଏସ୍ଏନ୍ଏଲ୍ ଅନେକ ଗ୍ରାହକ ହରାଇବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନ୍ଧ୍ୟାରାଣୀ



@ ନରେଶ



@ ବିବୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁକୁ ଆସିଥିବା କୁକୁର ପଲଙ୍କ ଆତଙ୍କ



ଓଡ଼ଗାଁ ସହରର ରାସ୍ତାକୁ କୁକୁର କବ୍‌ଜା କରିଛନ୍ତି।

ଓଡ଼ଗାଁ,୨୩।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳ(ଏନ୍ଏସି)ରେ ନିକଟତମ ଅନ୍ୟ ସହରର ବୁଲା କୁକୁରମାନଙ୍କୁ ଛଡ଼ା ଯାଇଥିବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଆତଙ୍କ ଖେଳାଇଛନ୍ତି। ଫଳରେ ମୁଖ୍ୟ ରାସ୍ତା ସହ ବିଭିନ୍ନ ୱାର୍ଡ ଏବଂ ସାହିରେ ପସିବା ବେଳେ ସାହି କୁକୁରଙ୍କ ମଧ୍ୟରେ ସେମାନଙ୍କ ଲଢେଇ ଉଗ୍ରରୂପ ନେଉଛି। ଫଳରେ ସହରବାସୀଙ୍କ ନିରାପତ୍ତା ନେଇ ଆଶଙ୍କା ପ୍ରକାଶ ପାଇଛି। ପିଲାମାନେ ସ୍କୁଲ ଟିଉସନ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏମାନଙ୍କ ମଧ୍ୟରେ ପାଗଳା କୁକୁର ରହିଥିବା ନେଇ ଅଭିଯୋଗ ହେଉଛି। ଅଗଷ୍ଟ ୩୧ରେ ଓଡ଼ଗାଁ ଏନ୍ଏସି ସ୍ୱାୟତ୍ତ ଶାସନ ଦିବସ ପାଳନ କରିବ। ଏଥିପୂର୍ବରୁ ଅନ୍ୟ ସହରରୁ ଓଡ଼ଗାଁ ସହରକୁ ଆସିଥିବା କୁକୁରମାନଙ୍କ ବିଦା କରାଯିବା ଦରକାର। କାରଣ ଏହି କୁକୁର ଲାଗି ଲୋକମାନେ ହଟହଟା ହେବାକୁ ପଡୁଛି। କୁକୁର ପଲଙ୍କୁ ଓଡ଼ଗାଁ ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ଅନ୍ୟତ୍ର ନେଇ ଛାଡିବାକୁ ସହରବାସୀ ଦାବି କରିଛନ୍ତି।

# ଶିକ୍ଷାନୁଷ୍ଠାନରେ ପ୍ରଥମ ଜାତୀୟ ମହାକାଶୀୟ ଦିବସ ପାଳିତ



ଟିଭି ପରଦାରେ ମହାକାଶକୁ ଯାଇଥିବା ଚନ୍ଦ୍ରଯାନକୁ ଶିକ୍ଷକମାନେ ଦେଖାଉଛନ୍ତି। ପିଲାମାନେ ଚନ୍ଦ୍ରଯାନର ଚିତ୍ର ଦେଖାଉଛନ୍ତି।

ରଣପୁର, ୨୩।୮
(ସୁକାନ୍ତ କିଶୋର ଡାକୁଆ)

ଅଗଷ୍ଟ ୨୩ ତାରିଖକୁ ସାରା ଦେଶ ପାଳିଛି ପ୍ରଥମ ଜାତୀୟ ମହାକାଶ ଦିବସ। ଗତବର୍ଷ ଆଜିର ଦିନରେ ମହାକାଶ ଗବେଷଣା କ୍ଷେତ୍ରରେ ଇତିହାସ ରଚିଥିଲା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା ଭାରତର ମୁନ୍ ମିଶନ ଚନ୍ଦ୍ରଯାନ-୩। ପ୍ରତିଟି ଭାରତୀୟଙ୍କ ଛାତି ଖୁସିରେ ଫୁଲି ଉଠିଥିଲା। ଯାହା କୌଣସି ଦେଶ କରିବାରେ ସକ୍ଷମ ହୋଇ ନ ଥିଲା ତାହା ଭାରତ କରି ଦେଖାଇଥିଲା। ପ୍ରଥମ ଥର ଦେଶର ସବୁଆଡେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ରଣପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହାସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଚାଲିଥିବା ପ୍ରୟୋଗ ତାଲିମ କେନ୍ଦ୍ରରେ ମଧ୍ୟ ଏହି ଜାତୀୟ ଦିବସ ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରାଙ୍କ ନିର୍ଦ୍ଦେଶରେ ପାଳିତ ହୋଇଥିଲା। ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ତାଲିମ କେନ୍ଦ୍ରରେ ଏହି ଅବସରରେ ପ୍ରୋଜେକ୍ଟର, ସ୍ମାର୍ଟ ବୋର୍ଡ, ଲାପଟପ, ଟାଲେଟ୍, କମ୍ପ୍ୟୁଟର ମାଧ୍ୟମରେ ଚନ୍ଦ୍ରାୟାନ-୩ର ଭିଡିଓ ଦେଖାଯାଇଥିଲା। ଏହାସହ ବିଭିନ୍ନ ବିଦ୍ୟାଳୟରେ ଚନ୍ଦ୍ରାୟାନ-୩ର ମଡେଲ ଓ ଡ୍ରଇଁ ପ୍ରତିଯୋଗିତା କରାଯାଇଥିଲା। ଏହି ଐତିହାସିକ ସଫଳତା ସହ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ଚନ୍ଦ୍ରରେ ଅବତରଣ କରିବାରେ ବିଶ୍ୱର ୪ର୍ଥ ରାଷ୍ଟ୍ର ଭାବେ ସ୍ଥାନ ପାଇଥିଲା। ଚନ୍ଦ୍ରଯାନ ଚନ୍ଦ୍ର ପୃଷ୍ଠରେ ସଫଳତା ସହ ଅବତରଣ ପ୍ରତିଟି ଦେଶ ଉପଲବ୍ଧି କରିବା ସହ ଭାରତକୁ ଶୁଭେଚ୍ଛା ଜଣାଇଥିଲେ। ଅଗଷ୍ଟ ୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ କମାଣ୍ଡ ନେଟୱାର୍କ ମିଶନ କଣ୍ଟ୍ରୋଲ କମ୍ପ୍ଲେକ୍ସରେ ପହଞ୍ଚି ବୈଜ୍ଞାନିକଙ୍କୁ ସମ୍ବୋଧନ ସମୟରେ ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ।

# ପାନୀୟ ଜଳ ସଙ୍କଟ, ଛାତ୍ରୀଛାତ୍ର ହନ୍ତସନ୍ତ

ଶରଣକୁଳ, ୨୩।୮(ଦୀପକ କର)

**ଶରଣକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ରାଜ୍ୟ ଏବଂ କେନ୍ଦ୍ର ସରକାର ଶିକ୍ଷାର ଉନ୍ନତି ପାଇଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କର ସମସ୍ତ ସୁବିଧା ସୁଯୋଗ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ବର୍ଷ ହେଲା ଛାତ୍ରୀଛାତ୍ରମାନେ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଏହି ବିଦ୍ୟାଳୟରେ ଦୀର୍ଘବର୍ଷ ତଳେ ଖୋଳା ଯାଇଥିବା ନଳକୂପଟି ଅକାମୀ ହୋଇ ପଡିଛି। ଏଥିରୁ ବାହାରୁଥିବା ପାଣି ଅତ୍ୟନ୍ତ ଦୂଷିତ ହେତୁ ପାନୀୟ ଉପଯୋଗୀ ହେଉନାହିଁ। ଏହି ନଳକୂପରୁ କାଦୁଅ ମିଶା ନାଲିରଙ୍ଗର ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଛି। ଏହି ବିଦ୍ୟାଳୟଟି ୧୯୩୩ ମସିହାରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ୧୨୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରତିଦିନ



ବିଦ୍ୟାଳୟରେ ଥିବା ନଳକୂପରୁ କାଦୁଅ ପାଣି ବାହାରୁଛି।

ମଧ୍ୟାହ୍ନଭୋଜନରେ ନିୟୋଜିତ ହୋଇଥିବା ମହିଳାମାନେ ରାସ୍ତା ପାର ହୋଇ ଜଣେ ବ୍ୟକ୍ତିଙ୍କ ଘରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ଏବଂ ଛାତ୍ରୀଛାତ୍ରମାନଙ୍କର କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ଚୌଧୁରୀଙ୍କୁ ପଚାରିବାରେ, ୬ମାସ ହେଲା ଏ ସମ୍ପର୍କରେ ବିଦ୍ୟାଳୟର ପକ୍ଷରୁ ବିଡିଓ ଓଡ଼ଗାଁ, ପରିମଳ ଏବଂ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଏବଂ ଶରଣକୁଳ ସରପଞ୍ଚଙ୍କୁ ଲିଖିତ ଭାବେ ଏହି ବିଦ୍ୟାଳୟକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିବେଳେ କେହି କର୍ଣ୍ଣପାତ କରୁନାହାନ୍ତ। ଏହି ବିଦ୍ୟାଳୟକୁ ୨ବର୍ଷ ହେଲା ସରକାରଙ୍କ ତରଫରୁ ୮ ଗୋଟି କମ୍ପ୍ୟୁଟର ଯୋଗାଇ ଦେଇଥିଲେ ସୁଦ୍ଧା ଶିକ୍ଷକ ଅଭାବରୁ ତାହା ଖତ ଖାଇବାକୁ ବସିଲାଣି। ପୂର୍ତ୍ତ ବିଭାଗ ରାସ୍ତାଠାରୁ ଏହି ବିଦ୍ୟାଳୟକୁ ଯିବା ପାଇଁ କାଦୁଅ ପାଣିରେ ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି। ବିଦ୍ୟାଳୟର ସଭାପତି ଶ୍ରୀଚୌଧୁରୀ କହିଛନ୍ତି, ବିଦ୍ୟାଳୟର ପଛ ଭାଗ ପାଚେରି ନିର୍ମାଣ ପାଇଁ ପୂର୍ବତନ ବିଧାୟକ ପାଣ୍ଠିରୁ ଅନୁଦାନ ଆସିଛି। ଏ ସମ୍ପର୍କରେ ଓଡଗାଁ ବ୍ଲକ ସହକାରୀ ଯନ୍ତ୍ରୀ ସନାତନ ଭୋଳଙ୍କୁ କହିବାରେ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ନୟାଗଡ଼ ଜିଲାପାଳ ଶରଣକୁଳରେ ଥିବା ସର୍ବପୁରାତନ ବିଦ୍ୟାଳୟର କୋମଳମତି ଛାତ୍ରୀଛାତ୍ରଙ୍କର ଅଭାବ ଅସୁବିଧାକୁ ହୃଦୟଙ୍ଗମ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ କମିଟି ତଥା ଶରଣକୁଳ ଅଞ୍ଚଳର ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

